୬ ଏସିଆନ ସୁଟିଂ : ଭରତର ସୁରୁଚି- ରାଣାଙ୍କୁ ମିଳିଲା ରୌପ୍ୟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୦ ● ୬ ଫେବୃଆରୀ ୨୦୨୬, ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-10 ● 6th February 2026, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ପ୍ରାକ୍ ବଜେଟ୍ ପରାମର୍ଶ ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ

# ୨୦୨୬-୨୭ ବଜେଟ୍‌କୁ ବାସ୍ତବରେ 'ଲୋକଙ୍କ ବଜେଟ୍' ଭାବେ ପ୍ରସ୍ତୁତ କରାଯିବ




ଭୁବନେଶ୍ୱର, ୫।୨

ନ୍ୟୁଜ୍ ବ୍ୟୁରୋ

ଆମ ସରକାର ହେଉଛି ଲୋକଙ୍କ ସରକାର । ଆମ ପାଇଁ ଲୋକଙ୍କ ସ୍ୱର ହେଉଛି ଭଗବାନଙ୍କ ସ୍ୱର। ତେଣୁ ସରକାରଙ୍କ ବଜେଟ ପ୍ରସ୍ତୁତ ପ୍ରକ୍ରିୟା ଏବେ ସଚିବାଳୟରୁ ବାହାରି ଲୋକଙ୍କ ପାଖକୁ ଯାଇଛି। ଜନସାଧାରଣଙ୍କ ଠାରୁ ସେମାନଙ୍କ ବହୁମୂଲ୍ୟ ମତାମତ ଆହ୍ୱାନ କରି ଅନୁଧ୍ୟାନ ଓ ତର୍ଜମା ପରେ ବଜେଟରେ ସ୍ଥାନିତ କରାଯାଉଛି। ଏସବୁ ଦୃଷ୍ଟିରୁ ଲୋକଙ୍କ ବଜେଟ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାକ୍ ବଜେଟ୍ ପରାମର୍ଶ ସଭା ଅବସରରେ କହିଛନ୍ତି।

ଗୁରୁବାର ଲୋକସେବା ଭବନ କନ୍‌ଭେନସନ୍ ହଲ ଠାରେ ଆୟୋଜିତ ପ୍ରାକ୍ ବଜେଟ ପରାମର୍ଶ ସଭା ବୈଠକରେ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହିତ ପ୍ରାକ୍ ବଜେଟ ପରାମର୍ଶ ଆଲୋଚନା କରିଥିଲେ। ନିକଟରେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଜନମତରୁ ସଂଗ୍ରହ କରାଯାଇଥିଲା। ଆହୁରି ମଧ୍ୟ ଆଗକୁ କାର୍ଯ୍ୟକାରୀ ହେବାକୁ ଥିବା ଶ୍ରୀ ଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମ, କଟକ-ଭୁବନେଶ୍ୱର-ପାରାଦୀପ-ପୁରୀ ଅର୍ଥନୈତିକ କରିଡର ପରିକଳ୍ପନା ଜନମତରୁ ଆସିଛି । ଜନମତ ଆଧାରରେ ନୀତି, ଯୋଜନା କାର୍ଯ୍ୟକ୍ରମରେ ମଧ୍ୟ ଆବଶ୍ୟକୀୟ ପରିବର୍ତ୍ତନ କରାଯାଉଛି । ତେଣୁ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା, ଘୋଷଣାକୁ ନେଇ ସମସ୍ତଙ୍କଠୁ ସୁଚିନ୍ତିତ ମତାମତ ଓ ପରାମର୍ଶ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ ।

ସେ ଆହୁରି କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ, ରୋଜଗାର ସୃଷ୍ଟି ଓ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ମିଳିଛି । କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ପଦକ୍ଷେପ ଓ ରାଜ୍ୟସରକାରଙ୍କ ମହିଳା ଓ କୃଷକମାନଙ୍କ ଲାଗି ନିଆଯାଉଥିବା ପଦକ୍ଷେପ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ଚଳଚଞ୍ଚଳ କରିଛି । ୨୦୨୬-୨୭ ରେ ମଧ୍ୟ କେନ୍ଦ୍ର ବଜେଟ୍‌ରେ ମଧ୍ୟ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରାଯାଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆଜି ଓଡ଼ିଶାକୁ ଦେଶରେ ପ୍ରାଥମିକତା ମିଳୁଛି । ୨୦୨୬-୨୭ ବଜେଟ ପ୍ରସ୍ତୁତି ପାଇଁ ୱେବ୍ ପୋର୍ଟାଲ, ଇ-ମେଲ, ଏସ୍.ଏମ୍.ଏସ୍., ୱାଟସଅପ୍ ଜରିଆରେ ବହୁ ସଂଖ୍ୟାରେ ସୁଚିନ୍ତିତ ମତାମତ ଆସିବାରେ ଲାଗିଛି । ଲୋକଙ୍କ ସରକାରରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ଏବଂ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯିବ । ଗୁରୁବାର ଏହି ବୈଠକରୁ ଯେଉଁ ସବୁ ସୁଚିନ୍ତିତ ପରାମର୍ଶ ମିଳିଛି, ବିଭାଗ ତାକୁ ରେକର୍ଡ କରି ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀ (ପୃଷ୍ଠା ୭ରେ)

## ରାଷ୍ଟ୍ରପତିଙ୍କ ସୁକନ୍ୟାଙ୍କ ଦ୍ୱାରା ରାଇରଙ୍ଗପୁର ଉଚ୍ଚ ବାଳକ ବିଦ୍ୟାଳୟରେ

# 'ପିଡି ହିନ୍ଦୁଜା ସଭାଗୃହ- ସାଂସ୍କୃତିକ କେନ୍ଦ୍ର'ର ଭିତ୍ତି ପ୍ରସ୍ତର ସ୍ଥାପନ




ରାଇରଙ୍ଗପୁର, ୫।୨

ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଉଚ୍ଚ ବାଳକ ବିଦ୍ୟାଳୟ ପରିସରରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରଚେଷ୍ଟାରେ ହିନ୍ଦୁଜା ଗ୍ରୁପ ତରଫରୁ ଏକ ଅତ୍ୟାଧୁନିକ ଡିଜିଟାଲ ସଂଯୋଗୀକରଣ 'ପିଡି ହିନ୍ଦୁଜା ସଭାଗୃହ ଓ ସାଂସ୍କୃତିକ କେନ୍ଦ୍ର' ର ଭିତ୍ତି ପ୍ରସ୍ତର ସ୍ଥାପନ ରାଷ୍ଟ୍ରପତିଙ୍କ ଏକମାତ୍ର ସୁକନ୍ୟା ଇତିଶ୍ରୀ ମୁର୍ମୁଙ୍କ କରକମଳରେ ସମ୍ପାଦିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାର ବାମନଘାଟୀ ଉପଖଣ୍ଡ ଏକ ସଂସ୍କୃତି ସମ୍ପନ୍ନ ଅଞ୍ଚଳ । ଏହି ଅଂଚଳରେ କୁଡୁମି, ସାନ୍ତାଳୀ, ହୋ, ମୁଣ୍ଡା, ମୁଣ୍ଡାରୀ, ଭୂମିଜ, ଶିଖ, ମାରୱାଡୀ, ଗୁଜୁରାଟୀ ବିହାରୀ, ରାଜସ୍ଥାନୀ ତଥା ବିଭିନ୍ନ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି । ସମସ୍ତଙ୍କର ଏକ ନିଆରା ସଂସ୍କୃତି ଅଛି । ଏହି ଅଞ୍ଚଳର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ଅଡିଟୋରିୟମର ଅଭାବ ଥିଲା । ସଂସ୍କୃତିପ୍ରେମୀ ଦୂରଦୃଷ୍ଟୀ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ପ୍ରଚେଷ୍ଟାରେ ହିନ୍ଦୁଜା ଗ୍ରୁପ ବହୁ ପୁରାତନ ରାଇରଙ୍ଗପୁର ଉଚ୍ଚବାଳକ ବିଦ୍ୟାଳୟ ପରିସରରେ ୪୦୦ରୁ ଉର୍ଦ୍ଧ୍ୱ ଜନତା ବସିବା ପାଇଁ ଏକ ଶୀତତାପ ନିୟନ୍ତ୍ରିତ ଡିଜିଟାଲ ଆଧାରିତ ଏକ ସାଂସ୍କୃତିକ ଗୃହ ପାଇଁ ସମ୍ମତି ପ୍ରକାଶ କରିଥିଲେ । ଗୁରୁବାର ମହାମହିମ ରାଷ୍ଟ୍ରପତି ରାଇରଙ୍ଗପୁର ଗସ୍ତରେ ଆସିଥିବାବେଳେ ତାଙ୍କ ସୁକନ୍ୟା ଇତିଶ୍ରୀ ମୁର୍ମୁ ମଧ୍ୟ ଆସିଥିଲେ । ଗୁରୁବାର ପୂର୍ବାହ୍ନ ୧୧ ଘଟିକାରେ ଉଚ୍ଚ ବାଳକ ବିଦ୍ୟାଳୟ ପରିସରରେ ମୁଖ୍ୟ ଅତିଥି ଇତିଶ୍ରୀ ମୁର୍ମୁ ପ୍ରଦୀପ ପ୍ରଜ୍ୱଳନ କରି ଏହି ସାଂସ୍କୃତିକ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଏଥିପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଏକ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ବିଦ୍ୟାଳୟର ଛାତ୍ର, ଶିକ୍ଷକ, ଶିକ୍ଷୟତ୍ରିମାନେ ମୁଖ୍ୟ ଅତିଥିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ମଞ୍ଚ ଉପରକୁ ପାଛୋଟି ନେଇଥିଲେ । ସେଠାରେ ତାଙ୍କ ସହିତ ହିନ୍ଦୁଜା କର୍ପୋରେଟ ଗ୍ରୁପର ପ୍ରେସିଡେଣ୍ଟ ଡଃ ଏସ କେ ଚଢା, ସିଇଓ ରମଣ କଲ୍ୟାଣ କ୍ରିଷ୍ଣାନ ଏବଂ ସମସ୍ତ କର୍ମଚାରୀ, ମୟୂରଭଞ୍ଜର ଏଡିଏମ୍ ନେତ୍ରାନନ୍ଦ ମଲ୍ଲିକ, ପ୍ରଧାନ ଶିକ୍ଷକ ବିନୟ ରଞ୍ଜନ ନାଏକ ଉପସ୍ଥିତ ଥିଲେ ।ଶିକ୍ଷକ ରଞ୍ଜନ ନନ୍ଦ ମଞ୍ଚ ପରିଚାଳନା କରିଥିଲେ । ହିନ୍ଦୁଜା ଗ୍ରୁପର ପ୍ରେସିଡେଣ୍ଟ କହିଥିଲେ ହିନ୍ଦୁଜା ଗ୍ରୁପ କେବଳ ବ୍ୟବସାୟକୁ ଗୁରୁତ୍ୱ ଦେଇ ନ ଥାଏ କମ୍ପାନୀ ମଧ୍ୟ ସାମାଜିକ କ୍ଷେତ୍ରରେ ନିଜକୁ ସାମିଲ କରିଥାଏ । ଶିକ୍ଷାର ବିକାଶ ପାଇଁ ବହୁବିଧ ଅନୁଷ୍ଠାନ କରିଛି । ରାଇରଙ୍ଗପୁର ଉଚ୍ଚ ବାଳକ ବିଦ୍ୟାଳୟରେ ୪୦୦ ସିଟ୍ ବିଶିଷ୍ଟ ଏକ ସଭା ଓ ସାଂସ୍କୃତିକ କେନ୍ଦ୍ର ଦେଢ଼ ବର୍ଷ ମଧ୍ୟରେ ନିର୍ମାଣ କରିବ । ଯାହାକି ଦେଶ ବିଦେଶର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇପାରିବ । ମୁଖ୍ୟ ଅତିଥି କହିଥିଲେ ଇତିଶ୍ରୀ ମୁର୍ମୁ କହିଥିଲେ ଏହି ମାଟି, ପାଣି, ପବନ ନେଇ ସେ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ୭ଦିନିଆ ଭାରତ ଗସ୍ତରେ ସେଶେଲ୍ସର ରାଷ୍ଟ୍ରପତି, ଚେନ୍ନାଇରେ ଜୋରଦାର ସ୍ୱାଗତ।
- ବାୟୁସେନାକୁ ଠିକ୍ ସମୟରେ ଏଲସିଏ ମାର୍କ-୧ଏ ଯୋଗାଇବାକୁ ଭରସା ଦେଲା ଏଚଏଏଲ।
- କର୍ଣ୍ଣାଟକରେ ଭୟଙ୍କର ସଡ଼କ ଦୁର୍ଘଟଣାରେ ତିନି ଜଣ ମହିଳାଙ୍କ ମୃତ୍ୟୁ, ୧୪ ଆହତ।
- ରାଜ୍ୟରେ ନୂତନ ସିଞ୍ଚା ପ୍ରକଳ୍ପ ଆରମ୍ଭ ହେବାରୁ କୃଷକମାନେ ଲାଭାନ୍ୱିତ।
- ଓଡ଼ିଶାର ଛାତ୍ରଛାତ୍ରୀମାନେ ଜାତୀୟ ସ୍ତରର ପ୍ରତିଯୋଗିତାରେ ସଫଳତା ହାସଲ।
- ଗ୍ରାମାଞ୍ଚଳରେ ନୂତନ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇ ସାଧାରଣ ଲୋକ ଉପକୃତ।
- ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନେ ଆତ୍ମନିର୍ଭରତାର ନୂତନ ଦୃଷ୍ଟାନ୍ତ ସୃଷ୍ଟିକଲେ।
- ରାଜ୍ୟରେ ନୂତନ ରାସ୍ତା ଓ ସେତୁ ନିର୍ମାଣ ଦ୍ୱାରା ଯାତାୟାତ ସୁବିଧା ବୃଦ୍ଧି।
- ସରକାରୀ ଚାକିରିରେ ନିଯୁକ୍ତି ପାଇ ଯୁବମାନଙ୍କ ମୁହଁରେ ହସ।
- ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ରାଷ୍ଟ୍ରୀୟ ମଞ୍ଚରେ ପଦକ ଜିତି ଗୌରବ ଆଣିଲେ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫, ୪୪୨ (-୫୦୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୧୫୫ (-୪୬୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧, ୫୮୨ (-୩୭୬)

### ରୁପା ଦର

ରୂପା – ପ୍ରତି ଗ୍ରାମ ୩୦୦ (-୨୦)

# ରାଜ୍ୟସଭାରେ ବିରୋଧୀଙ୍କୁ ତୀବ୍ର ସମାଲୋଚନା କଲେ ମୋଦୀ



ନୂଆଦିଲ୍ଲୀ, ୫।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ସଂକ୍ରାନ୍ତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ଦେବା ଆରମ୍ଭ କରିବା ମାତ୍ରେ ବିରୋଧୀ ଦଳ ପକ୍ଷରୁ ପ୍ରବଳ ହଟ୍ଟଗୋଳ ନାରାବାଜୀ କରାଯାଇଥିଲା। ତେବେ ପ୍ରଧାନମନ୍ତ୍ରୀ ଏହାକୁ କର୍ଣ୍ଣପାତ କରିନଥିଲେ। ଲୋକସଭାରେ ବିରୋଧୀ ଦଳର ନେତାଙ୍କୁ କହିବାକୁ ଅନୁମତି ଦିଆଯାଉ ନଥିବାରୁ ବିରୋଧୀ ଦଳଗୁଡ଼ିକ ରାଜ୍ୟସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ।

ହେଲେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତାଙ୍କ ଉତ୍ତର ଦେବା ବେଳେ ବିରୋଧୀଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ବିରୋଧୀଙ୍କ ନାରାବାଜୀ ଯୋଗୁ ବୁଧବାର ଲୋକସଭାରେ ନିଜର ଅଭିଭାଷଣ ରଖିବାକୁ ସକ୍ଷମ ହୋଇ ନଥିଲେ ମୋଦି। କିନ୍ତୁ ଗୁରୁବାର ରାଜ୍ୟସଭାରେ ସେ ବିରୋଧୀଙ୍କ ଉପରେ ମନଇଚ୍ଛା ବର୍ଷିଛନ୍ତି।

ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ମୋଦୀ ପ୍ରଥମେ ବିକଶିତ ଭାରତ କଥା କହିଥିଲେ। ବିରୋଧୀ ଏହାକୁ ବିରୋଧ କରି କକ୍ଷତ୍ୟାଗ କରିବାରୁ ମୋଦି ସିଧା କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ନିଶାନା କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ଲାଲକିଲ୍ଲାରେ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ କଥା ଉଠାଇଛନ୍ତି। ସେହିସବୁ ଅଭିଭାଷଣରେ ନା କୌଣସି ଭିଜନ ଥିଲା (ପୃଷ୍ଠା ୭ରେ)

# ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ

## ଅରବିନ୍ଦ ପାଢ଼ୀଙ୍କୁ ରାଜସ୍ୱ ବିଭାଗ




ଭୁବନେଶ୍ୱର, ୫।୨

ନ୍ୟୁଜ୍ ବ୍ୟୁରୋ

ଗୁରୁବାର ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଏକ ବଡଧରଣର ଅଦଳବଦଳ କରିଛନ୍ତି। ଅନେକ ଅଭିଜ୍ଞ ଆଇଏଏସ୍ ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ସହ ଅତିରିକ୍ତ କାର୍ଯ୍ୟଭାର ମଧ୍ୟ ନ୍ୟସ୍ତ କରାଯାଇଛି।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରୀ ବିଜ୍ଞପ୍ତି ଅନୁସାରେ ବରିଷ୍ଠ ଆଇଏଏସ୍ ଅଧିକାରୀ ଡ. ଅରବିନ୍ଦ ପାଢ଼ୀଙ୍କୁ ରାଜସ୍ୱ ବିଭାଗକୁ ବଦଳି କରାଯାଇଛି। ଏଥିସହ ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ମଧ୍ୟ ରହିବେ। ବର୍ତ୍ତମାନ ଉନ୍ନୟନ କମିଶନର ଭାବେ କାର୍ଯ୍ୟରତ ଦେଓ ରଞ୍ଜନ କୁମାର ସିଂଙ୍କୁ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ସେହିପରି ଉଷା ପାଢ଼ୀଙ୍କୁ ଇଡକୋ ଅଧକ୍ଷା ଭାବେ ଦାୟିତ୍ୱ ମିଳିଛି। ଏହା ସହିତ ସେ ନଗର ଉନ୍ନୟନ ବିଭାଗର ଦାୟିତ୍ୱରେ ମଧ୍ୟ ରହିବେ। ସେହିପରି ସାଧାରଣ ପ୍ରଶାସନ ବିଭାଗର ଦାୟିତ୍ୱ ସହ ସୁରେନ୍ଦ୍ର କୁମାରଙ୍କୁ ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ଦାୟିତ୍ୱ ମିଳିଛି। ବିଷ୍ଣୁପଦ ସେଠୀଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମ ର ଅଧକ୍ଷ ଭାବେ ନିଯୁକ୍ତି ମିଳିଥିବା ବେଳେ ତାଙ୍କୁ କେବିକେର ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଚିତ୍ରା ଅରୁମୁଗମଙ୍କୁ ଗୋପବନ୍ଧୁ ଏକାଡେମୀର ଡିଜି ଭାବେ ଦାୟିତ୍ୱ ମିଳିଛି। ଏଥିସହିତ ସେ ଶ୍ରମ ଏବଂ ବିଜ୍ଞାନ ଓ କାରିଗରୀ ବିଭାଗର ଦାୟିତ୍ୱ ମଧ୍ୟ ସମ୍ଭାଳିବେ।

ସେହିପରି ଶୁଭା ଶର୍ମାଙ୍କୁ ଜଳସମ୍ପଦ ବିଭାଗର ନୂଆ ପ୍ରମୁଖ ସଚିବ, ଏନବିଏସ୍ ରାଜପୁତଙ୍କୁ ପରିବହନ (ପୃଷ୍ଠା ୭ରେ)

# ନାଇଜେରିଆ ନରସଂହାର: ୧୬୨ ଜଣଙ୍କ ଜୀବନ ନେଲେ ମୌଳବାଦୀ

ଆବୁଜା, ୫।୨

ପଶ୍ଚିମ ନାଇଜେରିଆର ଦୁଇଟି ଗାଁରେ ସଶସ୍ତ୍ର ଉଗ୍ରବାଦୀମାନେ ଆକ୍ରମଣ କରି ୧୬୨ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରି ରକ୍ତର ନଦୀ ବୁହାଇଛନ୍ତି । ଫଳରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସୁରକ୍ଷା ସଙ୍କଟ ଆହୁରି ଘନୀଭୂତ ହୋଇଛି। କ୍ୱାରା ରାଜ୍ୟର ୱାରୋ ଓ ନୁକୁ ଗ୍ରାମକୁ ଟାର୍ଗେଟ କରାଯାଇଥିଲା ।ଅଞ୍ଚଳର ପ୍ରତିନିଧିତ୍ୱ କରୁଥିବା ସାଂସଦ ମହମ୍ମଦ ଓମାର ବାୟୋ କହିଛନ୍ତି, ଆକ୍ରମଣ ଇସଲାମିକ୍ ଷ୍ଟେଟ୍ ସହ ଜଡିତ ସଶସ୍ତ୍ର ଗୋଷ୍ଠୀ ଲାକୁରାୱା ଦ୍ୱାରା କରାଯାଇଥିଲା। ସାମ୍ପ୍ରତିକ ମାସ ମଧ୍ୟରେ ନାଇଜେରିଆର ଗ୍ରାମଗୁଡ଼ିକ ଉପରେ ହୋଇଥିବା ସବୁଠାରୁ ଭୟଙ୍କର ଆକ୍ରମଣ ମଧ୍ୟରୁ ଏହା ଗୋଟିଏ ବୋଲି ସେ କହିଛନ୍ତି

ଭୟଙ୍କର ହତ୍ୟାକାଣ୍ଡ ପରେ, ଗାଁ ସାରା ମୃତଦେହ ପଡ଼ିରହିଥିଲା। କ୍ୱାରା ରାଜ୍ୟ ରେଡକ୍ରସ ସଚିବ ଆୟୋଡେଜି ଇମାନୁଏଲ ବାବାଓମୋ କହିଛନ୍ତି ଯେ ସଂଗଠନ ଏପର୍ଯ୍ୟନ୍ତ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପହଞ୍ଚିପାରିନାହିଁ କାରଣ ସେଗୁଡ଼ିକ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ।

# ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ ର ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୨

ନ୍ୟୁଜ୍ ବ୍ୟୁରୋ

ଏଣିକି ହାତ ପାଆନ୍ତରେ ମିଳିବ ରାଜସ୍ୱ ସେବା। ଆଉ ବାରମ୍ବାର ତହସିଲକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ' ଉନ୍ମୋଚନ କରିଛନ୍ତି । ଲୋକମାନେ ୯୪୩୭୨୯୨୦୦୦ ହ୍ୱାଟ୍ସଆପ୍ ନମ୍ବରରେ ରାଜସ୍ୱ ସେବା ପାଇ ପାରିବେ। ଏହାସହ ୫୭ଟି ଉପ ନିବନ୍ଧନ କାର୍ଯ୍ୟାଳୟର ମଧ୍ୟ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ।

ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଯେ ଲୋକଙ୍କ ସରକାରର ମୂଳମନ୍ତ୍ର ହେଉଛି 'ସରକାର ଲୋକଙ୍କ ପାଖରେ ପହଞ୍ଚିବେ'। ସମସ୍ତ ସରକାରୀ ସେବାକୁ ଜନସାଧାରଣଙ୍କ 'ହାତପାଆନ୍ତା'ରେ ପହଞ୍ଚାଇବା ଆମର ପ୍ରମୁଖ ଲକ୍ଷ୍ୟ। ଏହି ସଂକଳ୍ପକୁ ପୂରଣ କରିବା ପରିପ୍ରେକ୍ଷୀରେ ଆମ ପ୍ରତିଶ୍ରୁତି ଅନୁଯାୟୀ, ରାଜ୍ୟର ସମସ୍ତ ୩୧୭ଟି ତହସିଲରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ବା ସବ୍-ରେଜିଷ୍ଟ୍ରାର ଅଫିସ ସ୍ଥାପନ କରିବା ଲକ୍ଷ୍ୟ ଆଜି ସମ୍ପୂର୍ଣ୍ଣ ହୋଇଛି। ଶେଷ ପର୍ଯ୍ୟାୟରେ ଅବଶିଷ୍ଟ ୫୬ଟି ତହସିଲ ଓ କଟକରେ ଏକ ଅତିରିକ୍ତ କାର୍ଯ୍ୟାଳୟକୁ ମିଶାଇ ମୋଟ ୫୭ଟି କାର୍ଯ୍ୟାଳୟର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ଜମି ଓ ସମ୍ପତ୍ତି ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକ ନିକଟସ୍ଥ ତହସିଲରେ ଅଧିକ ସହଜ, ଶୀଘ୍ର ଏବଂ ସମୟୋପଯୁକ୍ତ ଭାବେ ସମ୍ପାଦିତ ହୋଇପାରିବ। ଏହା କେବଳ ଏକ ପ୍ରଶାସନିକ ସଂସ୍କାର ନୁହେଁ, ବରଂ ସାଧାରଣ ଜନତାଙ୍କୁ ଦୂର ଦୂରାନ୍ତରୁ ଆସିବାର କଷ୍ଟ ଓ ଆର୍ଥିକ ବୋଝରୁ ମୁକ୍ତି ଦେବା ପାଇଁ ଆମର ଏକ ସମର୍ପିତ ପ୍ରୟାସ।

ଏକ ସମର୍ପିତ ସରକାର (ପୃଷ୍ଠା ୭ରେ)

# ୯ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୫।୨

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୯ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ସେଦିନ ପୂର୍ବାହ୍ନ ୧୦ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଫେବୃଆରୀ (ପୃଷ୍ଠା ୭ରେ)

## ଏକାଳ ପଖାଳ




କିଏ ସେ ନେବ କିଏ ସେ ନେବ
ଆରେ କିଏ ସେ ନେବ
ରାଇଜ ସଭା ଆସନ ଗୋଟାକୁ
ଦଖଲ କେମିତି ହେବ
କଣ ଖାଲି ଭାବୁଥିବ
ତିନିଦଳ ମନ୍ତ୍ରଣା ଯୋର
କେବେକୁ ପ୍ରାର୍ଥୀ ଦେବ ?

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ ସହ ମାଓମୁକ୍ତ ହେଲା କୋରାପୁଟ




କୋରାପୁଟ,୫।୨

ନ୍ୟୁଜ୍

ମାଓ ମୁକ୍ତ ରୂପେ ପରିଚିତ କୋରାପୁଟ ଜିଲ୍ଲାରେ ଗୁରୁବାର ଦିନ ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଥିବା ନେଇ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କେ.ବି ସିଂ ସୂଚନା ଦେଇଛନ୍ତି। ଆତ୍ମ ସମର୍ପଣ କରିଥିବା ମହିଳା ମାଓବାଦୀ ମମତା ପୋଡିଆମି ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲା ଅନ୍ତର୍ଗତ ଲିଙ୍ଗାପୁରମ୍ ଗ୍ରାମର। ଦୀର୍ଘ ବର୍ଷ ଧରି ମାଓ କାର୍ଯ୍ୟକଳାପରେ ଲିପ୍ତ ରହିଥିଲା ମମତା। ବିଭିନ୍ନ ମାଓ ଆକ୍ରମଣ ଘଟଣାରେ ସଂପୃକ୍ତ ରହିଥିବାବେଳେ ସବିଶେଷ ତଥ୍ୟ ପାଇଁ ପୋଲିସ ତାକୁ ପଚରା ଉଚୁରା କରୁଛି। ମାଓବାଦୀ ମମତା ଏସିଏମ ର୍‍ୟାଙ୍କର ହୋଇଥିବାବେଳେ ଏସଏଲଆର ବନ୍ଧୁକ ସହ ଆତ୍ମସମର୍ପଣ କରିଛି।

ଓଡ଼ିଶା ସରକାରଙ୍କ ଆତ୍ମସମର୍ପଣ ନୀତିରେ ପ୍ରଭାବିତ ହୋଇ ମମତା ଆତ୍ମସମର୍ପଣ କରିଥିବାବେଳେ ଆତ୍ମସମର୍ପଣ ନୀତି ଅନୁଯାୟୀ ମମତାଙ୍କୁ ୭ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ଏସିଏମ ର୍‍ୟାଙ୍କ୍ ପାଇଁ ୫ ଲକ୍ଷ ୫୦ ହଜାର ଏବଂ ଏସଏଲଆର ବନ୍ଧୁକ ପାଇଁ ୧ ଲକ୍ଷ ୬୫ ହଜାର ଟଙ୍କା, ଏହା ବ୍ୟତୀତ ଅନ୍ତୋଦୟ (ପୃଷ୍ଠା ୭ରେ)

# ୨୨ଜଣ ସୈନ୍ୟଙ୍କ ହତ୍ୟାକାରୀ ମାଓ କମାଣ୍ଡର ନିହତ

ବିଜାପୁର, ୫।୨

ଛତିଗଡ଼ର ମାଓ ପ୍ରବଣ ଅଞ୍ଚଳ ବିଜାପୁରରେ ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା ମିଳିଛି । ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟରେ ଜଣେ ଶୀର୍ଷ ମାଓ କମାଣ୍ଡର ନିହତ ହୋଇଛି । ଏହା ସହ ଗୋଟିଏ ଏକେ-୪୭ ରାଇଫଲ ବି ଜବତ କରାଯାଇଛି । ନିହତ ମାଓ କମାଣ୍ଡର ଉଧମ ସିଂହ ବୋଲି ଚିହ୍ନଟ କରାଯାଇଛି। ସେ ବସ୍ତରରେ ସକ୍ରିୟ ଥିବା ଜଣେ କୁଖ୍ୟାତ ମାଓ କମାଣ୍ଡର ଥିଲା। ତା' ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା ।

ପୁଲିସ ସୂତ୍ର ଅନୁଯାୟୀ, ଉଧମ ସିଂହ ୨୦୨୧ ତେକୁଲଗୁଡେମ୍ ନକ୍ସଲ ଆକ୍ରମଣରେ ସାମିଲ ଥିଲା, ଯେଉଁଥିରେ ୨୨ ସୈନିକ ପ୍ରାଣ ହରାଇଥିଲେ। ସେ ଆହୁରି ଅନେକ ଘଟଣାରେ ମଧ୍ୟ ଜଡିତ ଥିଲା। ସେ ତେକୁଲଗୁଡେମ ନକ୍ସଲ ଆକ୍ରମଣରେ ଜଡିତ ପ୍ରମୁଖ ନେତାମାନଙ୍କ ମଧ୍ୟରୁ ଜଣେ ଥିଲା ଏବଂ ଆକ୍ରମଣ ଯୋଜନାରେ ସାମିଲ ଥିବା କୁହାଯାଉଛି। ଡିଭିସିଏମ୍ ଉଧମ ସିଂହ ପ୍ଲାଟୁନ୍ ନମ୍ବର ୩୦ର କମାଣ୍ଡର ଥିଲା। ସେ ଜାଗୁରଗୁଣ୍ଡା ଏରିଆ କମିଟିର ଦାୟିତ୍ୱ ମଧ୍ୟ ତୁଲାଇଥିଲା। ସୁରକ୍ଷା ବାହିନୀ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ତା' ମୁଣ୍ଡ ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଫେବୃୟାରୀ ୨୦୨୬ ଶୁକ୍ରବାର





# ୩୮ ଚୋରା ମୋବାଇଲ ଜବତ:ଯୁବକ ଗିରଫ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜଗତପୁର ଠାରେ ୩୮ଟି ଚୋରା ମୋବାଇଲ ସହ ଜଣକୁ ଗିରଫ କଲା ଜଗତପୁର ପୋଲିସ। ଜଗତପୁର ଗୋଲେଇ ଛକରେ ରହୁଥିବା ଏକ ପଶ୍ଚିମବଙ୍ଗ ଗୋଷ୍ଠୀଙ୍କ ଉପରେ ଜଗତପୁର ପୋଲିସ ଅଚାନକ ଚଢ଼ଉ କରିଥିଲା। ସେମାନଙ୍କ ମଧ୍ୟରୁ ମଙ୍ଗଳ ସିଂ (୨୦) ନାମକ ଜଣେ ଯୁବକ ଠାରୁ ୩୮ଟି ଚୋରା ମୋବାଇଲ ଜବତ କରିଛି ଜଗତପୁର ପୋଲିସ। ତାମଧ୍ୟରୁ ୩୫ଟି ସ୍ମାର୍ଟ ଫୋନ୍ ହୋଇଥିବା ବେଳେ ୩ଟି କି-ପ୍ୟାଡ଼ ଫୋନ୍ ଅଛି। ମଙ୍ଗଳ ସିଂ (୨୦), ପିତା- କାଲୁ ସିଂ ପଶ୍ଚିମବଙ୍ଗ ପୁରୁଳିଆ ଜିଲ୍ଲାର ବଳରାମପୁର ଥାନା ଅଞ୍ଚଳରେ ହୋଇଥିବା ଜଣାପଡିଛି। ୩୫ଟି ସ୍ମାର୍ଟ ଫୋନ୍ ମଧ୍ୟରୁ



ଗୋଟିଏ ନାଲି ରଙ୍ଗର ସାମ୍‌ସଙ୍ଗ ମୋବାଇଲ୍ ଯାହାର IMEI No-୩୫୧୨୩୫/୦୧/୦୧୬୦୪୬/୦, IMEI No-୩୫୨୭୧୬/୯୮/୦୧୬୦୪୬/୪, ତାହା ଢେଙ୍କାନାଳର ନିଳେଶ କୁମାର ସାହୁଙ୍କ ଠାରୁ ଚୋରି ହୋଇଥିଲା, ତାହା ମଧ୍ୟ ଉଦ୍ଧାର କରାଯାଇଥିଲା। ସୂଚନାଥାଉକି, ଜଗତପୁର ଥାନାର ଏ.ଏସ୍.ଆଇ ମଞ୍ଜୁଲତା ସେନାପତି କୌଣସି ଏକ ସୂତ୍ରରୁ ଖବର ପାଇବା ପରେ ସୂଚନା ଆଧାରରେ ଆଇ.ଆଇ.ସି ପ୍ରଶାନ୍ତ କୁମାର ସାସମଲଙ୍କ ଜରିଆରେ ଏକ ମାମଲା ନଂ ୬୩/୨୦୨୬ ରୁଜୁ କରିଥିଲେ। ପରେ ଜଗତପୁର ଗୋଲେଇରେ ରହୁଥିବା ପଶ୍ଚିମବଙ୍ଗ ବାସୀ ଏରୋଗୋଲାଙ୍କ ଏକ ଦଳ ଉପରେ ଚଢ଼ଉ କରି ବିପୁଳ ପରିମାଣର ଚୋରି ମୋବାଇଲ୍ ହ୍ୟାଣ୍ଡସେଟ୍ ଜବତ କରିଥିଲେ। ବି.ଏନ୍.ଏସ୍ ଧାରା ୩୦୩ (୨) ଓ ୩୧୭ (୨) ରୁଜୁ କରି ଅଭିଯୁକ୍ତ ମଙ୍ଗଳ ସିଂ (୨୦)କୁ କୋର୍ଟ ଚାଲାଣ କରିବା ସହ ଘଟଣାର ତଦନ୍ତ ଚଳାଇଛି ଜଗତପୁର ପୋଲିସ।

# ନାବାଳିକା ଗଣ ଦୁଷ୍କର୍ମ ଘଟଣା:୬ ଗିରଫ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ତୁରେକେଲା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ହୋଇଥିବା ଭିଡ଼ିଓ ଭାଇରାଲ୍ ହୋଇଥିଲା। ଭିଡ଼ିଓ ଆଧାରରେ ତୁରେକେଲା ପୋଲିସ ୬ ଜଣ ନାବାଳକକୁ ଅଟକ ରଖି ତଦନ୍ତ କରୁଥିବା ବେଳେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ତୁରେକେଲା ଥାନା ପହଞ୍ଚି ଅଧିକ ତଦନ୍ତ କରିଥିଲେ। ବଲାଙ୍ଗିର ଏସ୍‌ପି ଅଭିଳାଷ ଜୀ ମଧ୍ୟ ଉପସ୍ଥିତ ଥିଲେ । ରାତିରେ ପୀଡ଼ିତାଙ୍କ ବାପା କଣ୍ଟାବାଞ୍ଜି ଥାନାରେ ଏତଲା ଦେଇଥିଲେ। ତେବେ ଆଇଜି ହିମାଂଶୁ ଲାଲ ଏହି ମାମଲାରେ ସମସ୍ତଙ୍କୁ ଗିରଫ କରିଛନ୍ତି। ବଲାଙ୍ଗିର ଏସ୍‌ପି ସାଇଣ୍ଟିଫିକ୍ ଟିମ୍‌କୁ ନେଇ ଭଲ ତଦନ୍ତ କରିଛନ୍ତି। ଏହି ମାମଲାରେ ନାବାଳକମାନେ ସମ୍ପୃକ୍ତ ଥିବାବେଳେ ସୋସିଆଲ୍ ମିଡିଆରେ ଏଭଳି ଭିଡ଼ିଓ ଦେଖି କମ୍ ବୟସରେ ପଥଭ୍ରଷ୍ଟ ହେଉଛନ୍ତି ଆମ ପକ୍ଷରୁ ଆଗକୁ ସଚେତନତା ସୃଷ୍ଟି କରାଯିବ ବୋଲି ସେ କହିଛନ୍ତି । ଅନ୍ୟ ପକ୍ଷରେ ବଲାଙ୍ଗିର ଏସ୍‌ପି କହିଛନ୍ତି ଯେ ୬ ଜଣକୁ ଗିରଫ କରିଛୁ। ଭିଡ଼ିଓ ଭାଇରାଲ ହେଲା ତେଣୁ ଆଇଟି ଆକ୍ଟରେ ମଧ୍ୟ ଲାଗିଛି। କିଏ ଭିଡ଼ିଓ କଲା କିଏ ଭିଡ଼ିଓ ଭାଇରାଲ୍ କଲା ସେ ଦିଗ ଉପରେ ମଧ୍ୟ ତଦନ୍ତ ଚାଲୁଛି। ଘଟଣା ଡିସେମ୍ବରର ହୋଇଥିବା ବେଳେ ଏହି ମାମଲାରେ ଥିବା ଅଭିଯୁକ୍ତମାନେ ଝିଅକୁ ଧମକ ଦେଉଥିଲେ। ତେଣୁ ଏହି ଘଟଣା ଏତେ ଦିନ ଦବିକି ରହିଥିଲା କିନ୍ତୁ ଭିଡ଼ିଓ ଭାଇରାଲ୍ ହେଲା ପରେ ଝିଅଙ୍କ ବାପା ଥାନାରେ ଏତଲା ଦେଇଥିଲେ। ଅନ୍ୟପକ୍ଷରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜଣେ ନାବାଳକ ତାକୁ ଜେଜେବି ବୋର୍ଡରେ ହାଜର କରିବୁ ଏବଂ କଠୋରରୁ କଠୋର ଦଣ୍ଡ କେମିତି ମିଳିବ ସେନେଇ ଚେଷ୍ଟା କରୁଛୁ ବୋଲି ଏସ୍‌ପି କହିଛନ୍ତି।

# ଫୁଲ ତୋଳୁଥିବା ବେଳେ ମହିଳାଙ୍କ ମୁଣ୍ଡରେ ବନ୍ଧୁକ ରଖି ଲୁଟ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀରେ ଚାଞ୍ଚଲ୍ୟ । ଫୁଲ ତୋଳୁଥିବା ବେଳେ ମହିଳାଙ୍କ ମୁଣ୍ଡରେ ବନ୍ଧୁକ ରଖି ଲୁଟ୍ । ଦୁର୍ବୃତ୍ତ ଲୁଟି ନେଲେ ସୁନା ଅଳଙ୍କାର । ଏଭଳି ଘଟଣା ଘଟିଛି ନୟାପଲ୍ଲୀ ଅଞ୍ଚଳରେ । ଥାନାରେ ଅଭିଯୋଗ ପରେ ନୟାପଲି ଥାନା ପୋଲିସ ପହଞ୍ଚି ଖୋଳ ତାଡ଼ କରୁଛି ।

# ବାଲେଶ୍ୱରରେ ଯୁଗ୍ମ ଅଭିଯୋଗ ଶୁଣାଣି

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲା ପ୍ରଶାସନର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୮୯ ଜଣ ଅଭିଯୋଗକାରି ନିଜ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ଏହି ଅଭିଯୋଗ ମଧ୍ୟରେ ୧୫୯ ଗୋଟି ବ୍ୟକ୍ତିଗତ, ୧୭ ଗୋଟି ସାମୂହିକ ଓ ୧୩ ଗୋଟି ରେଡ୍‌କ୍ରସ ସମ୍ପର୍କିତ ଥିଲା । ଏହି ଜନଶୁଣାଣି ଶିବିରରେ ୨୧ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାଏକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ବିପୁଳ ଚୋରା ମଦ ଜବତ:୧୩ କୋର୍ଟ ଚାଲାଣ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆୟର ନିର୍ଦ୍ଦେଶ କ୍ରମେ ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲା ରଥାଳି, ଡେରାବିଶ, ରାଜକନିକା, ପଟ୍ଟାମୁଣ୍ଡାଇ ରୁରାଲ, କେନ୍ଦ୍ରାପଡ଼ା ଟାଉନ୍ ଓ କୁଜାନଗରୀ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଡଉ କରାଯାଇ କଜଳବନ୍ଧ ଗ୍ରାମର ବିକାଶ ମଲିକଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ, ପୋଖରିଆପଡ଼ା ଗ୍ରାମର ସନାତନ ମଲିକଙ୍କ ଠାରୁ ୧୬ ଲିଟର ବିଦେଶୀ ମଦ, ନିତନପୁର ଗ୍ରାମର ପ୍ରଶାନ୍ତ ପ୍ରଧାନଙ୍କ ଠାରୁ ୩୮ ଲିଟର ଦେଶୀ ମଦ, ପ୍ରଭାକରପୁର ଗ୍ରାମର ବାସନ୍ତୀ ମଣ୍ଡଳଙ୍କ ଠାରୁ ୫୨୦ ଲିଟର ଗୁଡ ପୋଚ, ପ୍ରକାଶ ଖିଲରଙ୍କ ଠାରୁ ୩୯୦ ଲିଟର ଗୁଡ ପୋଚ ଓ ସୁକାନ୍ତି ମରଣ୍ଡୀଙ୍କ ଠାରୁ ୪୨୫ ଲିଟର ଗୁଡ ପୋଚ, ପଞ୍ଚନପଡା ଗ୍ରାମର ଅକ୍ଷଜ ଜେନାଙ୍କ ଠାରୁ ୨୨ ଲିଟର ବିଦେଶୀ ମଦ, ସାନଙ୍କ ଗ୍ରାମର ରବୀନ୍ଦ୍ର ନାଥଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ବାହମଣ୍ଡ ଗ୍ରାମର ଅନୁଜ ନାୟକଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ ଓ ଅମିୟ କୁମାର ବିଶ୍ୱାଳଙ୍କ ଠାରୁ ୩୩ ଲିଟର ବିଦେଶୀ ମଦ, ପଧାନ ପଟକିର ଗ୍ରାମର ବୈକୁଣ୍ଠ ମଲିକଙ୍କ ଠାରୁ ୧୯ ଲିଟର ଦେଶୀ ରନ୍ଧା ମଦ, ବିନ୍ଧସହି ଗ୍ରାମର ଗୌତମ ପ୍ରଧାନଙ୍କ ଠାରୁ ୨୪ ଲିଟର ବିଦେଶୀ ମଦ ଓ ବଡହଟ ଗ୍ରାମର କୁମୁଦୁଣୀ ମହାରଣାଙ୍କ ଠାରୁ ୧୫ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୧୫୭୬ ଲିଟର ବିଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୩ ମହିଳା ସମେତ ୧୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପ ନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକ, କଳ୍ପନା ରାଉତ ସହକାରୀ ଉପନିରିକ୍ଷକ ଜଗନ୍ନାଥ ବେଶ୍ରା, ସୁନିଲ କୁମାର ମିଶ୍ର, ପ୍ରଦୀପ କୁମାର ମଲିକ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ୨୦୨୭ ଜନଗଣନା ନିମନ୍ତେ ଜିଲ୍ଲା ସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ୨୦୨୭ ଜନଗଣନା ନିମନ୍ତେ ଜିଲ୍ଲା ସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ ଆଗାମୀ ଏପ୍ରିଲ୍ ୧୬ ତାରିଖରୁ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଜନଗଣନାକୁ ସୂଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଅଧିକାରୀମାନଙ୍କୁ ଉପଦେଶ ଦେଇଥିଲେ। ଏଥିନିମନ୍ତେ ଏପ୍ରିଲ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ଆତ୍ମଗଣନା କରାଯିବ। ଯେଉଁଥିରେ ସେନ୍ସସ୍ ପୋର୍ଟାଲ୍‌ରେ ଲଗ୍ ଇନ୍ କରି ଯେ କୌଣସି ବ୍ୟକ୍ତି ନିଜର ସମସ୍ତ ତଥ୍ୟ ଅପ୍‌ଲୋଡ଼ କରିପାରିବେ। ଯଦିଓ ଜନ



ଗଣନା ଭାରତରେ ପ୍ରତି ୧୦ ବର୍ଷରେ ହେବାକଥା, ମାତ୍ର ଏହା ୨୦୧୧ ମସିହା ପରେ ୧୫ ବର୍ଷ ବ୍ୟବଧାନରେ ହେଉଥିବାରୁ, ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସତ୍ୟ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ଜିଲ୍ଲାପାଳ ଜିଲ୍ଲାବାସୀଙ୍କୁ ଉପଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ କହିଲେ ଯେ, ଜନଗଣନା ହେଉଛି ଦେଶର ଦର୍ପଣ ସଦୃଶ ।ଏଥିରେ କେବଳ ବ୍ୟକ୍ତି ବିଶେଷଙ୍କ ଗଣନା ନୁହେଁ, ବରଂ ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣ ବିବରଣୀ। ଏଥର ଜନଗଣନାକାରୀମାନେ ପ୍ରତ୍ୟେକ ଘର ବୁଲି ସମସ୍ତ ବିଷୟର ସଠିକ୍ ବିବରଣୀ ପଚାରିବେ। ଘରର ମୁରବୀ, ତାଙ୍କର ଜାତି, ଲିଙ୍ଗ, ବୟସ ଠାରୁ ଆରମ୍ଭ କରି ଘରର ଷ୍ଟାଟସ୍, ପକ୍କା ଘର କି କଚ୍ଚା ଘର ଏହିପରି ୩୩ ଗୋଟି ପ୍ରଶ୍ନ ପଚାରିବେ। ତେଣୁ ସମସ୍ତେ ନିଜର ସଠିକ୍ ତଥ୍ୟ ପ୍ରଦାନ କରିବା ଉଚିତ୍ ବୋଲି ସେ କହିଥିଲେ। ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟରୁ ଆଡିସ୍‌ନାଲ୍ ଡାଇରେକ୍ଟର ମିଳିତା ଦତ୍ତ ଟ୍ରେନିଙ୍ଗ ଅଫିସର ଭାବେ ଯୋଗଦେଇ ଆଗାମୀ ଜନଗଣନାକୁ ସୂଚାରୁ ରୂପେ ସମ୍ପନ୍ନ କରିବାପାଇଁ ପ୍ରଶିକ୍ଷଣ ଦେଇଥିଲେ। ଆଗାମୀ ଦିନରେ ଏଥିପାଇଁ ନିଯୁକ୍ତ ମାଷ୍ଟର ଟ୍ରେନର ମାନଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ପରେ ଜିଲ୍ଲାସ୍ତରରେ ନିୟୋଜିତ ଅଧିକାରୀ ମାନଙ୍କ ପ୍ରଶିକ୍ଷଣ କରାଯିବ। ସମଗ୍ର ରାଜ୍ୟରେ ପ୍ରାୟ ଏକ ଲକ୍ଷ ଜନଗଣନାକାରୀ ଏହି କାର୍ଯ୍ୟ ସମ୍ପାଦନ କରିବେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ସମସ୍ତ ବିଡ଼ିଓ ତହସିଲଦାର ନିର୍ବାହୀ ଅଧିକାରୀ ଜିଲ୍ଲାସ୍ତରୀୟ ଅଧିକାରୀ ତଥା ଅତିରିକ୍ତ ତହସିଲଦାରମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଗର୍ଭାଶୟ କର୍କଟରେ ଓଡ଼ିଶାରେ ସର୍ବାଧିକ ମହିଳାଙ୍କ ମୃତ୍ୟୁ ଘଟୁଛି

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ମହିଳାମାନଙ୍କ ମଧ୍ୟରେ କର୍କଟ ଜନିତ ମୃତ୍ୟୁର ଏକ ପ୍ରମୁଖ କାରଣ ହେଉଛି ଗର୍ଭାଶୟ କର୍କଟ। ଯାହାକି ମହିଳାଙ୍କ କ୍ଷେତ୍ରରେ ପ୍ରାୟ ୨୩.୬୬% ପ୍ରମୁଖ କର୍କଟ ରୋଗର କାରଣ। ତଥ୍ୟ ଆଧାରରେ ଓଡ଼ିଶାରେ ଗର୍ଭାଶୟ କର୍କଟ ରୋଗର ମୃତ୍ୟୁ ହାର ପ୍ରତି ଏକ ଲକ୍ଷ ମହିଳାଙ୍କ ମଧ୍ୟରେ ୪.୨୨ ରେକର୍ଡ କରାଯାଇଥିବା ବେଳେ ମୃତ୍ୟୁହାର ବଢିବାର ପ୍ରମୁଖ କାରଣ ହେଉଛି ବିଳମ୍ବିତ ଚିହ୍ନଟ। ଏଥିରୁ ମହିଳା ମାନଙ୍କୁ ରକ୍ଷା କରିବା ପାଇଁ ମାଗଣାରେ କ୍ୟାନ୍ସର୍ ଭେକ୍‌ସିନ୍ ହ୍ୟୁମାନ୍ ପାପିଲୋମା ଭାଇରସ୍ (ଏଚ୍‌ପିଭି) ଟୀକାକରଣ କାର୍ଯ୍ୟକ୍ରମ ରାଜ୍ୟ ସରକାର ଗ୍ରହଣ କରିବାକୁ ବରଗଡ଼ ମହିଳା ସମିତି ଦାବି ଜଣାଇଛି। ଫେବୃୟାରୀ ୪, ବିଶ୍ୱ କର୍କଟ ଦିବସ ଅବସରରେ ସମିତିର ବରିଷ୍ଠ ସଦସ୍ୟା ମମତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କର୍କଟ ଆକ୍ରାନ୍ତଙ୍କ ଆଶୁ ଆରୋଗ୍ୟ କାମନା କରାଯିବା ସହ କର୍କଟ ଆକ୍ରାନ୍ତ ପ୍ରତି ଶ୍ରଦ୍ଧାଶୀଳ ମନୋଭାବ ପୋଷଣ ପାଇଁ ଆହ୍ୱାନ ଦିଆଯାଇଛି। ସମିତିର ସମ୍ପାଦିକା ସୁଧାଂଶୁବାଳା ଦାଶ ଆଗତ କରିଥିବା ପ୍ରସ୍ତାବରେ ଭାରତର ପ୍ରଥମ ରାଜ୍ୟ ଭାବରେ ତାମିଲନାଡୁ ଭଳି ଓଡ଼ିଶାରେ ୧ ରୁ ୧୪ ବର୍ଷ ବୟସର ଝିଅମାନଙ୍କ ପାଇଁ ମାଗଣା ହ୍ୟୁମାନ୍ ପାପିଲୋମାଭାଇରସ୍ ଟୀକାକରଣ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସମିତି ପକ୍ଷରୁ ଦାବି କରାଯାଇଛି। ମୁଖ୍ୟତଃ କ୍ୟାନ୍ସର୍ ପ୍ରବଣ ଜିଲ୍ଲା ଭାବରେ ପରିଚିତ ବରଗଡ଼ ଜିଲ୍ଲାରୁ ଏହାର ଶୁଭାରମ୍ଭ କରାଯିବାକୁ ନିବେଦନ କରାଯାଇଛି। ଉଲ୍ଲେଖନୀୟ ଯେ, ଓଡ଼ିଶା ଭଳି ତାମିଲନାଡୁରେ ମଧ୍ୟ ଗର୍ଭାଶୟ କର୍କଟ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା, ଯାହା ମହିଳାମାନଙ୍କ ମଧ୍ୟରେ ଦ୍ୱିତୀୟ ସବୁଠାରୁ




ସାଧାରଣ କର୍କଟ ଭାବରେ ସ୍ଥାନ ପାଇଛି। ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ ପ୍ରତି ଏକ ଲକ୍ଷ ମହିଳାଙ୍କ ମଧ୍ୟରେ ମୃତ୍ୟୁହାର ପ୍ରାୟ ୫.୩ରୁ ୧୧.୫୬ ଅଟେ। ଏହା ରାଜ୍ୟର ସମସ୍ତ ମହିଳା କର୍କଟ ମାମଲା ମଧ୍ୟରୁ ୧୬.୧% ଅଟେ ଏବଂ ମୃତ୍ୟୁହାର ପ୍ରାୟତଃ ଉନ୍ନତ ପର୍ଯ୍ୟାୟ ନିର୍ଣ୍ଣୟ ସହିତ ଜଡିତ। ଓଡ଼ିଶାର ସ୍ଥିତି ତାମିଲନାଡୁ ସହ ପାଖାପାଖି ସମାନ ରହିଛି। ଏଭଳି ସ୍ଥିତିରେ ଓଡ଼ିଶାରେ ମଧ୍ୟ ତାମିଲନାଡୁ ଭଳି ରାଜ୍ୟର ପ୍ରତ୍ୟେକ ଝିଅଙ୍କୁ ମାଗଣା ଭେକ୍‌ସିନ୍ ପ୍ରଦାନ ଉପରେ ବରଗଡ଼ ମହିଳା ସମିତି ଗୁରୁତ୍ୱାରୋପ କରିଛି। ଆଲୋଚନାରେ ସୁନିତା କର, ବିଜୟଲକ୍ଷ୍ମୀ ଦୋରା, ବାସନ୍ତୀ ଗଡତିଆ, ଇନ୍ଦ୍ରାଣୀ ଶତପଥୀ, ସାଲୋନି ଦାସ, କବିତା ଦେବତା, ସଂଗୀତା ଗୁପ୍ତା, ପଦ୍ମିନୀ ସାହୁ, ସୁଜାତା ପଣ୍ଡା, ମଞ୍ଜୁ ପ୍ରଧାନ, ଅନିମା ଚକ୍ରବର୍ତ୍ତୀ, ଦିବ୍ୟକାନ୍ତି ଭୋଇ, ରିନୁ ପତି, ମୀନା ପଣ୍ଡା, ଗୀତା ପାଢ଼ୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ହୃଦ୍‌ଘାତରେ ଅଧ୍ୟାପକ ମୃତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଚଡେଇଧରା ସ୍ଥିତ ଶ୍ରୀଜଗନ୍ନାଥଜୀଉ ମହାବିଦ୍ୟାଳୟ ତର୍କଶାସ୍ତ୍ର ଅଧ୍ୟାପକ ବିଭୂତିଭୂଷଣ ନାୟକ (୫୫)ଙ୍କର ବୁଧବାର ଦିନ ହୃଦଘାତରେ ମୃତ୍ୟୁ ହୋଇଛି। କଲେଜ୍‌ରେ କ୍ଲାସ୍ କରୁଥିବା ସମୟରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ସଙ୍ଗେ ସଙ୍ଗେ ଅଧ୍ୟକ୍ଷ ସୁକାନ୍ତକୁମାର ରାଉତ ତାଙ୍କୁ ବଡ଼ଚଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଖବର ଶୁଣିବା ପରେ କଲେଜ ଓ ବଡ଼ଚଣା ବ୍ଲକ୍ ଆମସୌରି ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଦରଦୀଛାତ୍ର ବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ଶ୍ରୀ ନାୟକ ଚଡେଇଧରା କଲେଜରେ ୧୯୯୨ ମସିହାରୁ ଅଧ୍ୟାପକ ଜୀବନ ଆରମ୍ଭ କରିଥିବାବେଳେ ୨୦୦୯ ବ୍ଲକ୍ ଗ୍ରାଣ୍ଟ ପାଉଥିଲେ।

# କଟକ ସଦର କଂଗ୍ରେସରୁ ୪୦୦ରୁ ଊର୍ଦ୍ଧ୍ୱ ନେତା କର୍ମୀଙ୍କ ଇସ୍ତଫା

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ପ୍ରଦେଶ କଂଗ୍ରେସରେ ଏକ ବଡ଼ ଧରଣର ବିଭ୍ରାଟ ଦେଖାଦେଇଛି । କଟକ ସଦର ନିର୍ବାଚନ ମଣ୍ଡଳୀର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ସକ୍ରିୟ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ବହୁ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ଦଳର ପ୍ରାଥମିକ ସଦସ୍ୟ ପଦରୁ ସାମୂହିକ ଇସ୍ତଫା ପ୍ରଦାନ କରିଛନ୍ତି। ଏହି ନିଷ୍ପତ୍ତି କଟକ ଜିଲ୍ଲା ରାଜନୀତିରେ ଏକ ପ୍ରକାର କମ୍ପନ ସୃଷ୍ଟି କରିଥିବା ବେଳେ ପ୍ରଦେଶ କଂଗ୍ରେସ କମିଟିରେ ସଭାପତିଙ୍କ ନିକଟକୁ ଏହି ଇସ୍ତଫା ପତ୍ର ପଠାଯାଇଛି। କଟକର ଧାକୁଲାଇ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ କରାଯାଇ ଏହି ସମୂହ ଇସ୍ତଫା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ କର୍ମୀମାନଙ୍କୁ ଉତ୍ସାହିତ କରିବା ସହ ନୂତନ ଆଶା ଓ ବିଚାରର ସମନ୍ୱୟରେ ଆଗାମୀ ଦିନରେ କାମ କରିବା ବୋଲି କହିଥିଲେ। ଇସ୍ତଫା ଦେଇଥିବା ସମସ୍ତ କର୍ମକର୍ତ୍ତା ଶ୍ରୀ ମୋକିମଙ୍କ ନୂତନ ସଙ୍ଗଠନରେ ଯୋଗ ଦେବାପାଇଁ ସହମତି ଜଣାଇଛନ୍ତି। ଇସ୍ତଫା ଦେଇଥିବା ନେତୃବୃନ୍ଦଙ୍କ ମଧ୍ୟରେ କଟକ ଜିଲ୍ଲା କଂଗ୍ରେସର ପୂର୍ବତନ ଉପ-ସଭାପତି ଦୀପକ ପରିଡ଼ା, କଟକ ସଦରର ପୂର୍ବତନ ଯୁବ ସଭାପତି ଜୀବନ ଜେନା, କଳପଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ଅସ୍ମିତା ସାହୁ,




ବରିଷ୍ଠ ନେତା ସିଦ୍ଧେଶ୍ୱର ପଟି, ପ୍ରଭାସ ପଣ୍ଡା, ନାୟକ ସରପଞ୍ଚ କଳପଡା ପଞ୍ଚାୟତ ସମ୍ପିତ ପରିଡା, ରମେଶ ମଲ୍ଲିକ, ଜଗମୋହନ ମହାପାତ୍ର, ରବି ନାରାୟଣ ନାୟକ, କୁନା ସାମନ୍ତରାୟ, ସରବର ଅଲ୍ଲୀ, ତପନ ବାରିକ, ସମ୍ପିତ ବିଶ୍ୱାଳ, ବିଶ୍ୱକେତନ ବିଶ୍ୱାଳ, ଆଲମସ ରଗବି, ରାଜେସ ହାତୀ, ପ୍ରଶାନ୍ତ ସିଂ, ପ୍ରଭାତ ବେହେରା, ସଞ୍ଜୟ ପରିଡାଙ୍କ ଭଳି ପ୍ରଭାବଶାଳୀ ନେତା ସାମିଲ ଅଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ୩୦ ବର୍ଷ ହେଲା କଟକ ସଦର ନିର୍ବାଚନ ମଣ୍ଡଳୀରେ ଦଳର ସାଂଗଠନିକ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି ଏବଂ ନିର୍ବାଚନ ସମୟରେ ତୃଣମୂଳ ସ୍ତରର କର୍ମୀ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ମତାମତକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଉଛି। ଭୁଲ୍ ପ୍ରାର୍ଥୀ ଚୟନ ଏବଂ ଦୂରଦୃଷ୍ଟିର ଅଭାବ ଯୋଗୁ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଭୋଟ୍ ସଂଖ୍ୟା ମାତ୍ର ୨ ରୁ ୫ ହଜାର ମଧ୍ୟରେ ସୀମିତ ରହିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ସେମାନେ ପ୍ରକାଶ କରିଛନ୍ତି। ବିଶେଷ କରି ବର୍ତ୍ତମାନର ପିସିସି ସଭାପତି ଭକ୍ତଚରଣ ଦାସ କର୍ମୀଙ୍କ ସହ କୌଣସି ପ୍ରକାର ଆଲୋଚନା କରୁନାହାନ୍ତି କିମ୍ବା ସେମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାନ୍ତି, ଯାହାକୁ ନେଇ କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନର ସାଂଗଠନିକ ପରିଚାଳନା ଶୈଳୀରେ ପୁରୁଣା ଓ ନିଷ୍ଠାପର କର୍ମୀଙ୍କୁ ଉଚିତ୍ ସମ୍ମାନ ମିଳୁନାହିଁ। ବିଗତ ଏକ ବର୍ଷ ହେଲା କ୍ଷେତ୍ର ସ୍ତରରେ କୌଣସି ଦଳୀୟ କାର୍ଯ୍ୟକ୍ରମ ବା ଆଲୋଚନା ହେଉନଥିବାରୁ କର୍ମୀମାନେ ନିଜକୁ ଅବହେଳିତ ମନେ କରୁଛନ୍ତି। ଦଳର ଏଭଳି ଦିଗହୀନ କାର୍ଯ୍ୟଶୈଳୀ ଏବଂ ନେତୃତ୍ୱର ଅବହେଳାରେ ଅତିଷ୍ଠ ହୋଇ ସେମାନେ ଏହି କଠୋର ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି।

# ଟିପ୍ପର ପଛରେ ବାଇକ୍ ପିଟି ହୋଇ ଜଣେ ମୃତ, ଜଣେ ଗୁରୁତର

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ରାଇଘର-ଉମରକୋଟ ମୁଖ୍ୟ ରାସ୍ତାର କୋଟପାରା ନିକଟରେ ଅବସ୍ଥିତ ଏକ ଗ୍ୟାରେଜ୍ ନିକଟରେ ଠିଆ ହୋଇଥିବା ଟିପ୍ପର ପଛରେ ଏକ ବାଇକ୍ ପିଟି ହୋଇ ଘଟଣା ସ୍ଥଳରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ରାଇଘର ମେଡିକାଲ୍‌ରେ ମୃତ୍ୟୁ ସହ ସଂଘର୍ଷ କରୁଥିବା ଜଣାପଡିଛି । ସବିଶେଷ ଖବରରୁ ଜଣାପଡିଛି ଯେ, ରାଇଘର ବ୍ଲକ ଗଞ୍ଜାପାରା ପଞ୍ଚାୟତ ଅନ୍ତର୍ଗତ ହାତୀବେନା ଆଦିବାସୀ ଗ୍ରାମର ମଙ୍ଗୁ ଗଣ୍ଡ (୨୩) ସହ ଛତିଶଗଡ ଶୁଣ୍ଡୁର ଅଞ୍ଚଳରୁ ଆସିଥିବା ମୋହନ ଗଣ୍ଡ (୫୩) ସହ ମିଶି ଏକ ବାଇକ୍ ଯୋଗେ ସରଗୁଲି ଗ୍ରାମକୁ ମଣ୍ଡେଇ ଦେଖିବାକୁ ଯାଇ ସନ୍ଧ୍ୟା ୭ଟା ସମୟରେ ନିଜ ଗ୍ରାମ ହାତୀବେନାକୁ ଫେରୁଥିବା ସମୟରେ ରାଇଘର କୋଟପାରା ନିକଟରେ ଏକ ଗ୍ୟାରେଜ୍‌ରେ ଟାୟାର ବଦଳେଇବା ପାଇଁ ଠିଆ ହୋଇଥିବା ଏକ ଟିପ୍ପର ପଛ ପଟେ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ବାଇକ୍ ଚଳାଉଥିବା ମଙ୍ଗୁ ଗଣ୍ଡର ମୃତ୍ୟୁ ଘଟିଥିବା ବେଳେ ୧୦୮ ଯୋଗେ ଗୁରୁତର ଆହତ ଥିବା ମୋହନକୁ ରାଇଘର ମେଡିକାଲକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ତାକୁ ଉମରକୋଟ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ବେଳେ ରାଇଘର ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ଟିପ୍ପର ଓ ବାଇକ୍‌କୁ ଥାନାକୁ ଆଣି ତଦନ୍ତ କରୁଥିବା ଜଣାପଡିଛି । ମୃତକଙ୍କ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ପକ୍ଷରୁ ପ୍ରକାଶ।

# ରାଣିପୁଟ ଜଙ୍ଗଲରେ ଅବକାରୀ ଚଢଉ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସଦର ଥାନା ଅନ୍ତର୍ଗତ ରାଣିପୁଟ ଜଙ୍ଗଲରେ ଅବକାରୀ ଚଢଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ଚଢଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ୍ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୧୪ ଶହ ଲିଟର ପୋଚ ଓ ୧୮୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ୍ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।



# ବୁଣାକାର ବଜାରରୁ ଶାଢି ଚୋରି ଉଦ୍ୟମ:ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଧରି ପୋଲିସରେ ଜିମା ଦେଲେ ବ୍ୟବସାୟୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ରବିବାର ଦିନ ବୌଦ୍ଧ ଠାରେ ଅନୁଷ୍ଠିତ ହେଉଥିବା ସାପ୍ତାହିକ ବୁଣାକାର ବଜାରରୁ ଶାଢି ଚୋରି ଉଦ୍ୟମ କରିଥିବା ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ବ୍ୟବସାୟୀମାନେ ଧରି ପୋଲିସରେ ଜିମା ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ସୋନପୁର ଜିଲ୍ଲା ତରଭା ଅଞ୍ଚଳର ଉକ୍ତ ବ୍ୟକ୍ତି ଜଣକ ଏକ ଦୋକାନରୁ ଶାଢି ଚୋରି କରି ଫେରାର୍ ଉଦ୍ୟମ କରୁଥିବା ବେଳେ ତାଙ୍କୁ କାବୁ କରିଥିଲେ । ମିଳିଥିବା ସୂଚନା ଅନୁଯାୟୀ ତାଙ୍କ ସହିତ ଆହୁରି ୪ ଜଣ ପୁରୁଷ ଓ ମହିଳା ଗୋଟିଏ ଦଳରେ ଆସି ଚୋରି କରୁଥିବା ଉକ୍ତ ସନ୍ଦିଗ୍ଧ ବ୍ୟକ୍ତି ଲୋକଙ୍କ ଆଗରେ ପ୍ରକାଶ କରିଛନ୍ତି । ମାତ୍ର ବୌଦ୍ଧ ପୋଲିସ ଚୋର ଗ୍ୟାଙ୍ଗର ଅନ୍ୟ ସଦସ୍ୟ ମାନଙ୍କୁ ଧରିବାକୁ ଚେଷ୍ଟା ଜାରି ରଖିଛି ।

# ସମ୍ମିଳିତ ପ୍ରୟାସ ଦ୍ୱାରା କର୍କଟ ମୁକ୍ତ ଭାରତ ଗଠନ ସମ୍ଭବ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ କର୍କଟ ଦିବସ ଅବସରରେ 'ମିଳିମିଶି ସଚେତନ କଲେ, କର୍କଟ ମୁକ୍ତ ଭାରତ ଗଠନ ସମ୍ଭବ' ଏହି ବାର୍ତ୍ତା ଦେଶବାସୀଙ୍କୁ ଆହ୍ୱାନ ଦେବାପାଇଁ ବ୍ରହ୍ମପୁରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ କ୍ରାନ୍ତି ଓ ବ୍ରହ୍ମପୁର ନିକଟସ୍ଥ ସିତଲାପଲି ସ୍ଥିତ ସମ୍ ହସ୍ପିଟାଲ୍ ଉଦ୍ୟମରେ ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ଼ ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସିତଲାପଲ୍ଲି ସମ୍ ହସ୍ପିଟାଲ୍‌ର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ମେଡ଼ିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଆଯୋଧ୍ୟାନାଥ ପାଢୀ, ଆସିଷ୍ଟାଣ୍ଟ ମେଡ଼ିକାଲ୍ ସୁପରିଟେଣ୍ଡେଣ୍ଟ ଡାକ୍ତର ପ୍ରୀୟଜିତ୍ ପାଣିଗ୍ରାହୀ, ମେଡ଼ିକାଲ୍ ଓଙ୍କୋଲଜୀ ଡାକ୍ତର ଶିବଶଙ୍କର ମହାପାତ୍ର, ସର୍ଜିକାଲ୍ ଓଙ୍କୋଲଜୀ ଡାକ୍ତର ସାଇ ରୁଦ୍ର ପୁହାନ, ଦୈନିକ ପ୍ରମେୟ ବ୍ରହ୍ମପୁରର ଡିଜିଏମ୍ ଅମ୍ବିକା ପ୍ରସାଦ ଦାଶ, କ୍ରାନ୍ତି ଅନୁଷ୍ଠାନର ଡାକ୍ତର ଅତୁଲ୍ୟ କୁମାର ପଟ୍ଟନାୟକ ଓ ଆଇଏସ୍‌ଆର୍‌ଡିର ନିର୍ଦ୍ଦେଶକ ସୁଧୀର ସାବତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ବିଭିନ୍ନ ଗଣମାଧ୍ୟମ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ବିଶ୍ୱ କର୍କଟ ଦିବସ ଅବସରରେ ଜନସାଧାରଣଙ୍କୁ କର୍କଟ ରୋଗର ଭୟାବହତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା କରାଇଥିଲେ। କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ଼ ଦେବାନନ୍ଦ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ସଚେତନତା ସଭା ଓ ବିଶାଳ ପଦଯାତ୍ରା ପରିଚାଳିତ ହୋଇଥିଲା। ସେ ଜଣେ ମୁଖ କର୍କଟ ରୋଗୀ ହୋଇଥିବା ଯୋଗୁଁ ସେ ଲୋକମାନଙ୍କୁ କହିଥିଲେ କର୍କଟ ରୋଗ ପ୍ରତି ଜନସାଧାରଣଙ୍କ ମଧ୍ୟରେ ସଠିକ୍ ସଚେତନ ନଥିବାରୁ, ଏହି ରୋଗରେ ପୀଡିତ ମୃତ୍ୟୁ ସୁନିଶ୍ଚିତ ବୋଲି ଭାବି ନିଅନ୍ତି ଏବଂ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି। କର୍କଟ ରୋଗର ଚିକିତ୍ସା ବର୍ତ୍ତମାନ ସମୟରେ ଅତ୍ୟନ୍ତ ସହଜ ଓ ଉପଯୁକ୍ତ ଚିକିତ୍ସା ମିଳିଲେ ଏଥିରୁ ରୋଗୀ ବଞ୍ଚିପାରିବ। ସେ ଉପସ୍ଥିତି ସମସ୍ତଙ୍କୁ ନିବେଦନ କରି




କହିଥିଲେ ଆସନ୍ତୁ ସମସ୍ତେ ମିଳିମିଶି ସଚେତନ କରିବା ଓ ଭାରତକୁ କର୍କଟ ମୁଖରୁ ରକ୍ଷା କରିବା। ଉପସ୍ଥିତ ସମସ୍ତଙ୍କୁ ଶପଥ କରାଇ ତମାଖୁ ଛାଡ଼ନ୍ତୁ ଜୀବନ ବାଛନ୍ତୁ ଏହି ମନ୍ତ୍ର ସଂକଳ୍ପ କରାଇଥିଲେ। ସମ୍ ହସ୍ପିଟାଲ୍‌ର ଓଙ୍କୋଲୋଜି ଡ. ମହାପାତ୍ର ଓ ଡ.ପୁହାନ କର୍କଟ ରୋଗ ବିଷୟରେ ଆଲୋକପାତ କରାଇବା ସହ ଲୋକମାନେ କିପରି ସୁବିଧାରେ ଚିକିତ୍ସା କରିପାରିବେ ସମସ୍ତଙ୍କୁ ଅବଗତ କରାଇଥିଲେ। ସମସ୍ତ ଅତିଥିମାନେ ସବୁଜ ପତାକା ଦେଖାଇ ବିଶାଳ ପଦଯାତ୍ର (ବ୍ରହ୍ମପୁର ୱାକଥନ୍)କୁ ଶୁଭାରମ୍ଭ କରିଥିଲେ। ଏହି ବିଶାଳ ସମାରୋହ ଓ ଗଣ ପଦଯାତ୍ରାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ମାନଙ୍କ ସହ ସାମନ୍ତରାୟ ଏକାଡେମୀ, ଆର୍ଯ୍ୟାନ ଗୁରୁକୁଳ ରେସିଡେଣ୍ଟ ମହାବିଦ୍ୟାଳୟ, କେ.ସି. ପବ୍ଲିକ ସ୍କୁଲ, ସରକାରୀ ଆଇଟିଆଇ ବ୍ରହ୍ମପୁର, ଗିରିରୋଡ ବାଳିକା ବିଦ୍ୟାଳୟ, ମହାମାୟୀ ମହିଳା ମହାବିଦ୍ୟାଳୟ, ଏସ୍.ଏସ୍.ଭି.ଏମ୍ ରାମହରିନଗର, ଖଲ୍ଲିକୋଟ ଏକକ ବିଶ୍ୱିଦ୍ୟାଳୟ, ସେଣ୍ଟ ଜାଭିୟର୍ସ ସ୍କୁଲ, ସିଦ୍ଧ ଭୈରବୀ ହାୟର ସେକେଣ୍ଡାରୀ ସ୍କୁଲ, ବ୍ରହ୍ମପୁର ପୋଲିସ ବାହିନୀ ଓ ସମ୍ ହସ୍ପିଟାଲ୍ ନର୍ସିଂ ଷ୍ଟାଫ୍‌ର କର୍ମକର୍ତ୍ତା ସହ ସମସ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ପ୍ରାୟ ୧୨୦୦ ଯୁବକ ଯୁବତୀ ଯୋଗଦେଇ ପଦଯାତ୍ରାରେ କର୍କଟ ରୋଗ ବିଷୟରେ ଲୋକମାନଙ୍କୁ ସଚେତନତା କରାଇଥିଲେ। ବ୍ରହ୍ମପୁର ସହର ପୋଲିସ କର୍ମଚାରୀ, ସମସ୍ତ ଗଣ ମାଧ୍ୟମ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ଉପସ୍ଥିତ ଶିକ୍ଷକ ଓ ସାମ୍ବାଦିକ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ବିଶାଳ ସମାରୋହ କାର୍ଯ୍ୟକ୍ରମକୁ ସାମନ୍ତରାୟ ଏକାଡେମୀର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ, କ୍ରାନ୍ତି ଅନୁଷ୍ଠାନର ଦେବରାଜ ରାଉତ, ନିର୍ମଳା ଦାଶ, ଅରୁଣ ପଟ୍ଟନାୟକ, ଚର୍ଚ୍ଚିକା ଦାଶ, ଚିନ୍ମୟାନନ୍ଦ ଦାଶ, ବି ସଂଜୟ ପାତ୍ର, ଲିଙ୍ଗରାଜ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ସମ୍ ହସ୍ପିଟାଲ୍‌ର ସୁମନ ମିଶ୍ର, ଦିନେଶ ପଟ୍ଟନାୟକ ସହ ଅନ୍ୟାନ୍ୟ କର୍ମଚାରୀ, କ୍ରାନ୍ତି ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତି ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଡ଼ଃ ଦେବାନନ୍ଦ ଦାଶ ସମସ୍ତଙ୍କୁ ସହଯୋଗ ପାଇଁ ହୃଦୟରୁ ଧନ୍ୟବାଦ ଦେଇଥିଲେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ଫେବୃୟାରୀ ୨୦୨୬ ଶୁକ୍ରବାର





# ୪ ଡକାୟତ ଗିରଫ:ଖଣ୍ଡା, ଛୁରୀ, ବାଇକ୍ ଓ ଗୁଳି ଜବତ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ରୋଡ଼ ପୋଲିସର ମିଳିଛି ବଡ଼ ସଫଳତା । ସୂଚନା ଥାଉକି ଦିନ ୧୧ଟା ସମୟରେ ସୋବରା ଅଞ୍ଚଳରେ ଏକ ନିର୍ଜନ ସ୍ଥାନରେ ୫ ଡକାୟତ ସହରାଞ୍ଚଳରେ ଡକାୟତି କରିବାକୁ ଯୋଜନା କରୁଥିବାବେଳେ କୌଣସି ସୂତ୍ରରୁ ଯାଜପୁର ରୋଡ଼ ପୋଲିସ ଖବରପାଇ ଘଟଣା ସ୍ଥଳରେ ଚଢ଼ଉ କରିଥିଲା । ଫଳରେ ୪ ଜଣ ଡକାୟତ ଘଟଣାସ୍ଥଳରୁ ଗିରଫ ହୋଇଥିବା ବେଳେ ଜଣେ ଫେରାର୍ ହୋଇଯାଇଥିବା ଜଣାପଡିଛି । ତେବେ ଉକ୍ତ ୪ ଜଣ ଡକାୟତଙ୍କ ଠାରୁ ୩ଟି ବାଇକ୍, ଗୋଟିଏ ଖଣ୍ଡା, ଗୋଟିଏ ଛୁରୀ, ୩ଟି ମୋବାଇଲ, ୬ଟି ଅଫୁଟା ଜୀବନ୍ତ ଗୁଳି, ଗୋଟିଏ ତାର କଟା କଟର ଓ ନଗଦ ୧୨ ଶହ ୭୬ ଟଙ୍କାକୁ ଜବତ କରିଛି ଯାଜପୁର ରୋଡ଼ ପୋଲିସ । ଅଭିଯୁକ୍ତମାନେ ହେଲେ କୋରେଇ ଥାନା ଅନ୍ତର୍ଗତ ପୂର୍ବକୋଟ ଅଞ୍ଚଳର ମାଇକେଲ ନାଗେଶ୍ୱରଙ୍କ ପୁଅ ମାଇକେଲ ଗଣେଶ୍ୱର, ନାଗେଶ୍ୱର ଦାସଙ୍କ ପୁଅ ଅର୍ଜୁନ ଦାସ, ଭୋଲା ଦାସଙ୍କ ପୁଅ କାଳିଆ ଦାସ ହୋଇଥିବା ବେଳେ ଆଉଜଣେ ଗଞ୍ଜାମ ଜିଲ୍ଲାର ଆସ୍କା ଥାନା ଅନ୍ତର୍ଗତ ବସ୍ତ୍ରାଣ୍ଡ ସାହିର ଏମ୍ ଦୁର୍ଗାଙ୍କ ପୁଅ ଏମ୍ ଅଜୟ ବୋଲି ଜଣାପଡିଛି । ଉକ୍ତ ୪ ଜଣ ଡକାୟତଙ୍କୁ ପୋଲିସ କେସ୍ ନଂ ୮୬/୨୬ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ଯାଜପୁର ରୋଡ଼ ପୋଲିସ । ତେବେ ଥାନାଧିକାରୀ ଆଶିଷ କୁମାର ସାହୁଙ୍କ ନିର୍ଦ୍ଦେଶରେ ଏସ୍.ଆଇ. କେ.ସି ସାହୁଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀଙ୍କ ସଦଳବଳେ ଚଢ଼ଉ କରିଥିଲେ ।

# ଅଷ୍ଟଶମ୍ଭୁ ପର୍ଯ୍ୟଟନ କରିଡ଼ରର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

**କଟକ, ନ୍ୟୁଜ୍ ବ୍ୟୁରୋ**

ଗ୍ରାମାଞ୍ଚଳରେ ଥିବା ଆସ୍ଥା ସ୍ଥଳୀଗୁଡିକୁ ବିକାଶ ସ୍ଥଳୀରେ ପରିଣତ କରାଯିବ । ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ନିଆଳି ପାଇବ ସ୍ୱତନ୍ତ୍ର ସ୍ଥାନ । ନିଆଳି ଅଚିନା ଖେଳପଡ଼ିଆ ଠାରେ ଅଷ୍ଟଶମ୍ଭୁ ପର୍ଯ୍ୟଟନ କରିଡର ପରିଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହା କହିଛନ୍ତି । ଏଥିସହ ଏହି ଅଞ୍ଚଳର ମାହାତ୍ମ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଏଠାରେ ଏକ ବ୍ୟାଖ୍ୟାନ କେନ୍ଦ୍ର କରାଯିବ ବୋଲି ନିଜ ଅଭିଭାଷଣ ମାଧ୍ୟମରେ କହିଛନ୍ତି । ଏଥିସହ ପ୍ରାଚୀ ନଦୀର



ପୁନରୁଦ୍ଧାର କରାଯାଇ ଏହାକୁ ଚିରସ୍ରୋତା ନଦୀରେ ପରିଣତ କରିବା ଦିଗରେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଅଷ୍ଟଶମ୍ଭୁ ପର୍ଯ୍ୟଟନ କରିଡର ପରିଯୋଜନା ଅଧୀନରେ ଅଷ୍ଟଶମ୍ଭୁ ତୋରଣ ପରିସରର ନିର୍ମାଣ, ଶ୍ରୀ ଶୋଭନେଶ୍ୱର, ଶ୍ରୀ ଅନ୍ଧକପିଳେଶ୍ୱର, ଶ୍ରୀ ଗୋକର୍ଣ୍ଣେଶ୍ୱର, ଶ୍ରୀ ରାମେଶ୍ୱର, ଶ୍ରୀ ଗ୍ରାମେଶ୍ୱର ଏବଂ ଶ୍ରୀ ଅଙ୍ଗେଶ୍ୱର ମନ୍ଦିରର ଉନ୍ନତିକରଣ କରାଯିବ । ଏହି ପରିଯୋଜନା ପାଇଁ ମୋଟ୍ ୨୪ କୋଟି ଟଙ୍କା ବ୍ୟୟ କରାଯିବ । ଆସନ୍ତା ଏକ ବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ଛବି ମଲିକ ଉଦ୍‌ବୋଧନ ଦେଇ ନିଆଳି ଅଞ୍ଚଳରେ ଆଧାତ୍ମିକ ଓ ଭାଇଚାରାର ବାତାବରଣ ସୃଷ୍ଟି ଦିଗରେ ଏହି ପର୍ଯ୍ୟଟନ କରିଡରର ବିଶେଷ ଗୁରୁତ୍ୱ ରହିଛି ବୋଲି କହିଛନ୍ତି । ଜିଲ୍ଲାପାଳ ଦତ୍ତାତ୍ରୟ ଭଉସାହେବ ଶିନ୍ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଅତିରିକ୍ତ ସଚିବ ପର୍ଯ୍ୟଟନ ବିଭାଗ ସରୋଜ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଚେକ୍ ପ୍ରଦାନ କରିଥିଲେ । ଶେଷରେ ଉପମୁଖ୍ୟମନ୍ତ୍ରୀ ନିଆଳି ଠାରେ ମିଶନ ଶକ୍ତି କାଫେ ଓ ରିଟେଲ୍ ମାର୍ଟର ଶୁଭ ଉଦ୍ଘାଟନ କରିଥିଲେ ।

## //////////// ଯୋଜନାର ସଠିକ୍ କାର୍ଯ୍ୟକାରୀ ହେଉନି ////////////

# ରାଇବଣିଆରେ ୫୦ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ଅବହେଳିତ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ ରାଇବଣିଆ ଆଦିବାସୀ ବହୁଳ ଅଞ୍ଚଳ ।ଏହି ଅଞ୍ଚଳରେ ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବାରୁ ଆଦିବାସୀ ଭାଇଭଉଣୀଙ୍କ ବିକାଶ ବହୁ ପଛରେ ପଡ଼ିଛି । ତେବେ ଆଦିବାସୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଥିବା ସମନ୍ୱିତ ଆଦିବାସୀ ଉନ୍ନୟନ କାର୍ଯ୍ୟାଳୟ ଜଳେଶ୍ୱର ପ୍ରତିଷ୍ଠା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି । ନୀଳଗିରି ପରେ ଜଳେଶ୍ୱରରେ ଜିଲ୍ଲାର ଦ୍ୱିତୀୟ ସର୍ବାଧିକ ଆଦିବାସୀ ଭାଇଭଉଣୀ ରହିଛନ୍ତି । ୨୦୧୧ ଜନଗଣନା ଅନୁସାରେ ଜଳେଶ୍ୱର ବ୍ଲକରେ ମୋଟ୍ ୪୦ ହଜାର ୪୬ ଓ ମ୍ୟୁନିସିପାଲିଟି ଅଞ୍ଚଳରେ ୨.୬୧ ଜଣ ଆଦିବାସୀ ଲୋକ ବାସ କରୁଛନ୍ତି । ଆଜିର ଦିନରେ ଏହି ସଂଖ୍ୟା ମିଳିତ ଭାବେ ୫୦ ହଜାର ଟପିଲାଣି । ବିଶେଷ କରି ଜଳେଶ୍ୱର ବ୍ଲକର ବରଡ଼ିହା, ଖୁଆଡ଼, ସର୍ଦାରବନ୍ଧ, ଶ୍ୟାମନଗର, ଖୁଦିଆ ମାଝିସାହି, ଜଳମା, କାଳିକ, ରାଇବଣିଆ, ଦକ୍ଷିଣ ପ୍ରଜରାଜପୁର, ଚମାରଗାଁ, ଗୋବରଘଟ୍ଟା, ଲକ୍ଷ୍ମଣନାଥ ଏମ୍‌ଏନ୍‌ପାଟଣା ଆଦି ପଞ୍ଚାୟତରେ ବହୁଳ ସଂଖ୍ୟାରେ ଆଦିବାସୀ



ରହୁଛନ୍ତି । ଏସବୁ ପଞ୍ଚାୟତରେ ଆୟତରେ ୩୦ରୁ ୭୦ ପ୍ରତିଶତ ଯାଏ ଆଦିବାସୀ ଅଛନ୍ତି । ବହୁ ଭୂମିହୀନ ପରିବାର ଜୀବନଜୀବିକା ପାଇଁ ସଂଘର୍ଷ କରୁଛନ୍ତି । କିଏ ଇଟାଭାଟି ଶ୍ରମିକ ତ କିଏ ପୁଣି କୃଷି ଶ୍ରମିକ ନହେଲେ ଆଉ କିଏ ଜଙ୍ଗଲରୁ ଥିଲେ ମଧ୍ୟ ତାହା ପୂରଣ ହେଉନି । ଏବେବି ଜଳେଶ୍ୱର ଅଞ୍ଚଳ ନୀଳଗିରି ଆଇଟିଡିଏ ଅଧୀନରେ ରହିଥିବା ବେଳେ ଏଠାକାର ଆଦିବାସୀଙ୍କ ଦୁଃଖ ଶୁଣିବା ପାଇଁ ଆଇଟିଡିଏ ପଛରେ ପଡ଼ିଛି ବିକାଶ, ଦୁଃଖ ଶୁଣିବାକୁ କେହିନାହିଁ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସ୍ଥାପନ ଦାବି ୨୦ ପ୍ରତିଶତ ଯାଏଁ କେବଳ ଆଦିବାସୀ ଅଛନ୍ତି । କିନ୍ତୁ ସେମାନଙ୍କ ଆଖିଦୃଶିଆ ବିକାଶ ସମ୍ଭବ ହେଉନାହିଁ । ସେମାନଙ୍କ ପାଖରେ ଗମନାଗମନ, ପିଇବା ପାଣି, ସ୍ୱାସ୍ଥ୍ୟ ଓ ଶିକ୍ଷା ପରି ମୌଳିକ ସୁବିଧା ସୁଯୋଗ ପହଞ୍ଚି ପାରିନାହିଁ । ରାଇବଣିଆ ଅଞ୍ଚଳରେ ଅବସ୍ଥା ଏକରକମ ଖରାପ । ଏହି ଅଞ୍ଚଳରେ ଚାଷଜମି ଶାଳପତ୍ର ତୋଳି ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରିଥାନ୍ତି । ଏମାନେ ବର୍ଷର ୬ ମାସ ବି କାମଧନ୍ଦା ପାଉନାହାନ୍ତି । ଏହି ବର୍ଗଙ୍କ ବିକାଶ ତଥା ସେମାନଙ୍କ ଭଲମନ୍ଦ ବୁଝିବା ପାଇଁ ସମନ୍ୱିତ ଆଦିବାସୀ କାର୍ଯ୍ୟାଳୟ ଜଳେଶ୍ୱର ଠାରେ ପ୍ରତିଷ୍ଠା ପାଇଁ ୨ ଦଶନ୍ଧି ଧରି ଦାବି ହୋଇ ଆସୁଥିଲେ ମଧ୍ୟ ତନ୍ନୟନ ସଂସ୍ଥାର ଅଧିକାରୀଙ୍କର ଥରୁଟିଏ ବି ପାଦ ପଡ଼ିନଥିବା ଲୋକେ ପ୍ରକାଶ କରିଛନ୍ତି । ତେଣୁ ଜଳେଶ୍ୱରର ଆଦିବାସୀଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ସହ ଏଠାରେ ଆଇଟିଡିଏ ଅଫିସ ପ୍ରତିଷ୍ଠା ହେଉ ବୋଲି ପ୍ରାକ୍ତନ ସରପଞ୍ଚ ସତ୍ୟଶୋଭନ ମିଶ୍ର, ବିଜେଡ଼ି ନେତା ଗିରିଜା ସାସମଲ, ଗଙ୍ଗାଧର ଦାସ ପ୍ରମୁଖ ଦାବି କରିଛନ୍ତି ।

# ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ପ୍ରଗତି ପୁରୁଷ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୯୨ତମ ଶ୍ରାଦ୍ଧ ଦିବସ ୟୁ.ଜି.ଏମ୍.ଆଇ.ଟି. ମହାବିଦ୍ୟାଳୟରେ ପାଳିତ ହୋଇଛି । ଉକ୍ତ ଶୁଭ ଅବସରରେ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଶିକ୍ଷାନୁଷ୍ଠାନ, ରାୟଗଡ ସ୍ଥିତ ମଧୁସୂଦନ ଦାସଙ୍କର ପ୍ରତିମୂର୍ତ୍ତିରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଦୀପ କୁମାର ଖଟୁଆ, ଅନୁଷ୍ଠାନର ଅବସରପ୍ରାପ୍ତ ପୂର୍ବତନ ଅଧ୍ୟକ୍ଷ ଏମ୍.ଏସ୍. ରାଓ, ଜିଲ୍ଲା ଶିକ୍ଷ କେନ୍ଦ୍ର, ରାୟଗଡର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ତଥା ପୁରାତନ ଛାତ୍ର ସବ୍ୟସାଚୀ ସାହୁ, ବିଭାଗୀୟ ମୁଖ୍ୟ ବରିଷ୍ଠ ଅଧ୍ୟାପିକା ପ୍ରତିଭା ପାତ୍ର, ବିଧୁ ଭୂଷଣ ଶବର, ଶ୍ରୀକାନ୍ତ ଠାକୁର, କେ. ସୁମନ ରାଓ, ରିତାଞ୍ଜଳୀ ପଣ୍ଡା, ଦୀପକ କୁମାର ନାୟକ ଏବଂ ଅତିଥି ଅଧ୍ୟାପକ ଅଧ୍ୟାପିକାବୃନ୍ଦ ସମସ୍ତ କର୍ମଚାରୀ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଗତ ମଧୁସୂଦନ ଦାସଙ୍କର ସ୍ୱତନ୍ତ୍ର ଉତ୍କଳ



ପ୍ରଦେଶ ଗଠନ ଓ ବଳିଦାନର କାହାଣୀ ସମ୍ବନ୍ଧରେ ସ୍ମୃତି ଚାରଣ କରିଥିଲେ । ସମସ୍ତ ବକ୍ତା ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ମଧୁବାବୁଙ୍କ ଅନୁପମ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଓ ଦଶର ଉନ୍ନତି ନିମନ୍ତେ ପ୍ରାଣ ଉତ୍ସର୍ଗ କରିବା ନିମନ୍ତେ ଉଦ୍‌ବୋଧନ ଦେଇଥିଲେ । ଛାତ୍ରଛାତ୍ରୀମାନେ ମଧୁସୂଦନ ଦାସଙ୍କର ଜୀବନୀ, ଦେଶପ୍ରେମ ଓ ଓଡ଼ିଆ ଅସ୍ମିତା ପ୍ରତି ତାଙ୍କ ଅଦମ୍ୟ ସଂଘର୍ଷ ସମ୍ପର୍କରେ ବିଶଦ ଭାବେ ଅବଗତ ହୋଇଥିଲେ । କାର୍ଯ୍ୟକ୍ରମଟି ଯୁବପିଢ଼ି ମଧ୍ୟରେ ରାଷ୍ଟ୍ରଭକ୍ତି, ଭାଷାପ୍ରୀତି ଓ ସାମାଜିକ ଦାୟିତ୍ୱବୋଧତାକୁ ଆହୁରି ସୁଦୃଢ଼ କରିଥିଲା । ଅତିଥିଗଣ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସ କେବଳ ଏକ ବ୍ୟକ୍ତି ନଥିଲେ, ସେ ଥିଲେ ଓଡ଼ିଆ ଜାତୀୟ ଚେତନାର ଏକ ଯୁଗାନ୍ତକାରୀ ଆନ୍ଦୋଳନ । ତାଙ୍କର ଆଦର୍ଶ ଓ ଚିନ୍ତାଧାରା ଆଜିର ସମୟରେ ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ଏତାଦୃଶ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାନୁଷ୍ଠାନ ପକ୍ଷରୁ ଜାତୀୟ ମହାପୁରୁଷ ମାନଙ୍କ ଆଦର୍ଶକୁ ଛାତ୍ରଛାତ୍ରୀଙ୍କ ଜୀବନରେ ପ୍ରତିଷ୍ଠା କରିବାର ଏକ ସକାରାତ୍ମକ ପ୍ରୟାସ ଦେଖିବାକୁ ମିଳିଥିଲା । ସର୍ବ ଶେଷରେ ଜ୍ୟୋତି ପ୍ରକାଶ ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସାଙ୍ଗ କରିଥିଲେ ।

# ଖୁଡ଼ଖୁଡ଼ି ଖେଳ ବେଳେ ଚଢ଼ଉ:ଜଣେ ଅଟକ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ଥାନା ଅଧୀନରେ ଥିବା ବରଗାଁ ମଣ୍ଡେଇରେ ଖୁଡଖୁଡି ଖେଳ ଆରମ୍ଭ ହେବା ଖବରପାଇ ଯାଇ ପହଞ୍ଚିଥିଲା ରାଇଘର ପୋଲିସ । ମଣ୍ଡେଇ ପଡିଆରେ ରହିଥିବା ଗାଡ଼ିଗୁଡ଼ିକୁ ଯାଞ୍ଚ କରି ପାଇଥିଲା ଖୁଡ଼ଖୁଡ଼ିରେ ବ୍ୟବହୃତ ସାମଗ୍ରୀ । ଖୁଡ଼ଖୁଡ଼ି ସାମଗ୍ରୀ ଜବତ କରିବା ସମୟରେ ପୋଲିସ ସହ ଖୁଡ଼ଖୁଡ଼ି ଖେଳାଉଥିବା ଲୋକଙ୍କ ସହ ବଚସା ଆରମ୍ଭ ହୋଇଥିଲା । ଛତିଶଗଡ଼ରୁ ଆସିଥିବା ଜୁଆ ମାଲିକମାନେ ପୋଲିସକୁ ଦୁର୍ବ୍ୟବହାର କରିଥିଲେ । ଏହାକୁ ନେଇ ପୋଲିସ ଜଣକୁ ଅଟକ ରଖିଥିବା ଜଣାପଡିଛି । ଚଢ଼ଉ ବେଳେ ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ, ନୂତନ ଭାବେ ଥାନାରେ ଯୋଗ ଦେଇଥିବା ଇନିସ୍ପେକ୍ଟର ଟିକେଚାନ୍ଦ ବାହାବଲକଟୁଆଙ୍କ ସହ ଆଇଆର୍‌ବି ଯବାନମାନେ ଉପସ୍ଥିତ ଥିଲେ ।

# ସମ୍ମିଳିତ ପ୍ରୟାସ ଦ୍ୱାରା କର୍କଟ ରୋଗ ନିରାକରଣ କରାଯିବ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ କର୍କଟ ଦିବସ – ୨୦୨୬ ପାଳିତ ହୋଇଛି । ଏହି ଉପଲକ୍ଷେ ଜିଲ୍ଲା ତାଲିମ୍ କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଥିଲା । ଚଳିତ ବର୍ଷର ବିଷୟ ବସ୍ତୁ– 'ଅନନ୍ୟ ଓ ସମ୍ମିଳିତ ପ୍ରୟାସ ଉପଯୋଗରେ କର୍କଟ ରୋଗର ନିରାକରଣ' ଉକ୍ତ ସଭା ଡା. ଅମୂଲ୍ୟ କୁମାର ଦାସ (ଡିଏମ୍‌ଓ)ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସହରାଞ୍ଚଳ ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ୍ କେନ୍ଦ୍ରର ଅଧ୍ୟୟନରତ ଛାତ୍ରୀମାନେ ଉପସ୍ଥିତ ଥିଲେ । ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ପ୍ରଦୀପ କୁମାର କର (ଡିପିଏଚ୍‌ଓ) ବକ୍ତବ୍ୟରେ କହିଥିଲେ କି ସହଜ ଚିହ୍ନଟ ଓ ସମ୍ପୂର୍ଣ୍ଣ ଚିକିତ୍ସା ଦ୍ୱାରା କର୍କଟ ରୋଗ ଆରୋଗ୍ୟ ସାଧ୍ୟ । ଏହା ପାଇଁ ସଚେତନତା ଆବଶ୍ୟକ । ଏପରିକି ଏକ ତୃତୀୟାଂଶ କର୍କଟ ରୋଗ ଆରୋଗ୍ୟ ସାଧ୍ୟ । ସଭାପତି ଡା. ଦାସ ତାଙ୍କ ଅଭିଭାଷଣରେ କର୍କଟ ରୋଗର ଲକ୍ଷଣ ଯଥା ଅସ୍ୱାଭାବିକ ଗୋଳି, କାଶ, ଗିଳିବାରେ କଷ୍ଟ, ଅସ୍ୱାଭାବିକ ରକ୍ତସ୍ରାବ, ଅସ୍ୱାଭାବିକ ଓଜନ କମିବା, ରାତିରେ ପ୍ରଚୁର ଝାଳ ବୋହିବା, ଦିର୍ଘ ଦିନ ଧରି କୌଣସି କ୍ଷତ ନଶୁଖିବା, ଅସ୍ୱାଭାବିକ ସ୍ତନର ପରିବର୍ତ୍ତନ ଉପରେ ଗୁରୁତ୍ୱରେ ମତ ରଖିଥିଲେ । ଡାକ୍ତର ଅରୂପ ଅଭିଷେକ ନିଜର ଅଭିଭାଷଣରେ କହିଥିଲେ କି ମଦ୍ୟପାନ କରିବା, ମେଦବହୁଳତା, ଶାରୀରିକ ପରିଶ୍ରମ ନକରିବା, ତମାଖୁ ସେବନ କରିବା, କର୍ମ ପରିବେଶ ଇତ୍ୟାଦି ଉପରେ ଦୃଷ୍ଟି ଦେଲେ କର୍କଟ ରୋଗରୁ ଦୂରେଇ ରହିପାରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସଭାରେ ଡାକ୍ତର ସୂର୍ଯ୍ୟ ପ୍ରକାଶ ରାଉତରାୟ (ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଭିବିଡି) କର୍କଟ ରୋଗ ନହେବାପାଇଁ କଣ ପ୍ରତିଷେଧକ ବ୍ୟବସ୍ଥା ଯଥା, (ଏଚ-ପି- ଭି ଓ ଏଚ୍-ବି-ଭି) ଟୀକାକରଣ, ତମାଖୁ ଓ ମଦ୍ୟପାନ ଠୁ ଦୂରେଇରହିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସଭା ଶେଷରେ କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଆଶାମାନେ ଗୋଷ୍ଠୀ ସ୍ତରରେ ଅଧିକ ସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ (ଭାରପ୍ରାପ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ)ଙ୍କ ପରିଚାଳନାରେ ହୋଇଥିଲା ଓ ଶେଷରେ ମୌସୁମି ସାମଲ (ଏମ୍‌ଏନ୍‌ସିଡି) ଧନ୍ୟବାଦ ଜଣାଇଥିଲେ ।

# ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ:ଲୋକୋ-ପାଇଲଟ୍‌ଙ୍କ ଚାପ ପରିଚାଳନା ପାଇଁ ନିରାପତ୍ତା ସେମିନାର



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳବାଇର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଲୋକୋ ପାଇଲଟ (LP) ଓ ଆସିଷ୍ଟାଣ୍ଟ ଲୋକୋ ପାଇଲଟ (ALP)ମାନଙ୍କ ପାଇଁ "ଚାପ ପରିଚାଳନା" ବିଷୟରେ ଆୟୋଜିତ ତିନିଦିନିଆ ନିରାପତ୍ତା ସେମିନାର ସଫଳତାର ସହିତ ସମାପ୍ତ ହୋଇଛି । ଏହି ସେମିନାରର ଲକ୍ଷ୍ୟ ଥିଲା ମାନସିକ ସୁସ୍ଥତା, ଷ୍ଟ୍ରେସ୍ ନିୟନ୍ତ୍ରଣ ଓ ବୃତ୍ତିଗତ କାର୍ଯ୍ୟକୁଶଳତା ସମ୍ପର୍କରେ ସଚେତନତା ବୃଦ୍ଧି କରି ସୁରକ୍ଷିତ, ସୁଚାରୁ ଓ କାର୍ଯ୍ୟକୁଶଳ ଟ୍ରେନ୍ ପରିଚାଳନା ନିଶ୍ଚିତ କରିବା ଅନିୟମିତ ଡ୍ୟୁଟି ସମୟ ଓ ଉଚ୍ଚ ଚାପ ମଧ୍ୟରେ କାମ କରୁଥିବା LP ଓ ALP ମାନଙ୍କ ପାଇଁ କାର୍ଯ୍ୟବହିର୍ଭୂତ ସମୟରେ ଶାନ୍ତ ଓ ସହାୟକ ପରିବେଶ ରଖିବାର ଗୁରୁତ୍ୱ ଉପରେ ସେମିନାରରେ ବିଶେଷ ଆଲୋଚନା କରାଗଲା । ରେଳବାଇ ବିଶ୍ୱାସ କରେ ଯେ ଘରେ ମାନସିକ ଶାନ୍ତି, ପର୍ଯ୍ୟାପ୍ତ ବିଶ୍ରାମ ସହିତ ଡ୍ୟୁଟି ସମୟରେ ଲୋକୋ ପାଇଲଟ ମାନଙ୍କୁ ସତର୍କ, କେନ୍ଦ୍ରିତ ଏବଂ ଚାପମୁକ୍ତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଯାହାଦ୍ୱାରା କାର୍ଯ୍ୟକ୍ଷମ ସୁରକ୍ଷା ବୃଦ୍ଧି ପାଏ । ଏହି ସେମିନାର ୨ ଫେବୃୟାରୀ ୨୦୨୬ରେ 'ଅବସରପ୍ରାପ୍ତ ଆଇଆର୍‌ଏସ୍ ଲଳିତ କୁମାର ମହାନ୍ତି ଓ ପ୍ରଦୀପ୍ତ କୁମାର ପଟ୍ଟନାୟକ ଅବସରପ୍ରାପ୍ତ ଆଇଆର୍‌ଏସ୍‌ଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ସେମାନେ ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନରେ ମାନସିକ ଶାନ୍ତି, ଆତ୍ମଶୃଙ୍ଖଳା ଏବଂ ଚାପ ପରିଚାଳନାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ସେମିନାର ସମୟରେ ଯୋଗ, ଧ୍ୟାନ, ଶାରୀରିକ ସୁସ୍ଥତା, ସକାରାତ୍ମକ ଚିନ୍ତାଧାରା ଓ ଆଧାତ୍ମିକ ଶାସନ ଭଳି ସାମଗ୍ରିକ ଷ୍ଟ୍ରେସ୍ ପରିଚାଳନା ପଦ୍ଧତି ଉପରେ ଆଲୋଚନା କରାଗଲା । ସେହିପରି କ୍ୟାବିନ୍ ଏରଗୋନୋମିକ୍ସକୁ ଉନ୍ନତ କରିବା, ବୈଜ୍ଞାନିକ କର୍ତ୍ତବ୍ୟ ସମୟ ନିର୍ଘଣ୍ଟ ମାଧ୍ୟମରେ ଉତ୍ତମ କାର୍ଯ୍ୟ-ଜୀବନ ସନ୍ତୁଳନ, ସାମାଜିକ ସମର୍ଥନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ପରାମର୍ଶ ସମ୍ବଳର ଉପଲବ୍ଧତା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ଭାରତୀୟ ରେଳବାଇ ଅଯୌକ୍ତିକ ଡ୍ୟୁଟି ସମୟ, କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜ ଏବଂ ବୃତ୍ତିଗତ ଚାପ ପରିଚାଳନା ବିଷୟରେ LP ଏବଂ ALP ମାନଙ୍କୁ ସଚେତନ କରିବା ପାଇଁ ନିୟମିତ ପରାମର୍ଶ ଏବଂ ସୁରକ୍ଷା ସେମିନାର ଆୟୋଜନ କରିଆସୁଛି । ଏକ ଶାନ୍ତ ଏବଂ ଅନୁକୂଳ ଘରୋଇ ପରିବେଶ ସୃଷ୍ଟି କରିବାରେ ପରିବାର ସଦସ୍ୟଙ୍କ ଭୂମିକା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଅପରେସନ୍) ସୁଭଜିତ ଦାସ ଓ ADEE/OP (କନସଲ୍ଟାଣ୍ଟ) ଆର୍.କେ. ପଣ୍ଡା ଉପସ୍ଥିତ ଥିଲେ ଏବଂ ଡ୍ୟୁଟି ସମୟରେ LP ଏବଂ ALP ମାନଙ୍କର ଚାପ ଏବଂ ଏହାକୁ କିପରି ପରିଚାଳନା କରିବେ ସେ ବିଷୟରେ କହିଥିଲେ । ବରିଷ୍ଠ ଲୋକୋ ପର୍ଯ୍ୟବେକ୍ଷକ ଅବନୀ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଅନ୍ୟ ବରିଷ୍ଠ ପର୍ଯ୍ୟବେକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ସେମିନାରରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନ ବିଭିନ୍ନ ଷ୍ଟେସନରୁ ୨୦ ଜଣ ଲୋକୋ ପାଇଲଟ୍ ଓ ୫୧ ଜଣ ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ ସହିତ ସର୍ବମୋଟ୍ ୭୧ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମଟି ଏକ ପାରସ୍ପରିକ ଆଲୋଚନା ଅଧିବେଶନ ସହିତ ଶେଷ ହୋଇଥିଲା । ଯେଉଁଥିରେ ଗୁରୁତ୍ୱ ଦିଆଯାଇଥିଲା ଯେ ସୁରକ୍ଷିତ ରେଳ ପରିଚାଳନା ପାଇଁ ଚାପମୁକ୍ତ ମାନସିକତା ଏବଂ ଶାନ୍ତ ପରିବେଶ ଅତ୍ୟନ୍ତ ଜରୁରୀ ।



# ପାନୀୟ ଜଳ ସଙ୍କଟ ନେଇ ଗ୍ରାମବାସୀଙ୍କ ଅଭିଯୋଗ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଗୋଛାପଡା ଗ୍ରାମ ପଞ୍ଚାୟତ ଟାଲୁପାଲି ଗ୍ରାମର ଦଳିତ ସାହିରେ ଥିବା ନଳକୂପ କାର୍ଯ୍ୟକ୍ଷମ ହେଉନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ସେମାନେ ଭୋଗୁଥିବା ପାନୀୟ ଜଳ ସମସ୍ୟା ସମ୍ପର୍କରେ ମହିଳାମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଦଳିତ ସାହିର ଉପରିସାହି ବା ବରଗଛ ସାହିରେ ଥିବା ନଳକୂପରୁ ଦୀର୍ଘଦିନ ହେଲା ପାଣି ବାହାରୁନାହିଁ । ବାରମ୍ବାର ଅଭିଯୋଗ ସତ୍ତ୍ୱେ ବ୍ଲକ୍ କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ହେତୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନେ ବହୁଦୂରରୁ ରୋଷେଇ ଓ ପାନୀୟ ଜଳ ସଂଗ୍ରହ କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି ।

# ଧର୍ମଶାଳା ଅଞ୍ଚଳରେ ବ୍ୟାପକ ଚୋରାମଦ ଓ ବ୍ରାଉନ୍‌ସୁଗାର କାରବାର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଚୋରା ମଦ ଓ ବ୍ରାଉନ୍‌ସୁଗାର କାରବାର ବ୍ୟାପକ ଭାବେ ବୃଦ୍ଧି ପାଇ ଏବେ ସମସ୍ତଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ମଙ୍ଗଳବାର ଦିନ ଅବକାରୀ ବିଭାଗ ଚହଟା ଗ୍ରାମର ଜଣେ ବ୍ୟକ୍ତିଙ୍କ ଠାରୁ ୫୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତକରି ଆସାମୀ ମସିମଖାଁଙ୍କୁ କୋର୍ଟ ଚାଲାଣ କରିଛି । ଜାରକାରେ ଧର୍ମଶାଳା ଅବକାରୀ ବିଭାଗ ଇନ୍‌ସପେକ୍ଟରଙ୍କ କାର୍ଯ୍ୟାଳୟ, ଜାରକା ବିଟ୍ ହାଉସ୍ ଓ ଧର୍ମଶାଳା ପୋଲିସ କାର୍ଯ୍ୟ କରୁଛି । କିନ୍ତୁ ବିଭାଗୀୟ ଉଦାସୀନତା ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଚୋରାବେପାରୀ କାହାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି । ଶେଷରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଲିଖିତଭାବେ ରାଜ୍ୟ ସରକାର ଓ ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି । ଅବକାରୀ ବିଭାଗ ପକ୍ଷରୁ ୨ ତାରିଖ ଦିନ ଅବକାରୀ କମିଶନର ଓ ଯାଜପୁର ଜିଲ୍ଲାପାଳଙ୍କୁ ଚୋରା ମଦ କାରବାରରେ ତୁରନ୍ତ ରୋକ୍ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଶା ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୬।୦୨।୨୦୨୬, ମାଘ ଦି ୨୪ ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୬।୨୨।୫୮** **ଚନ୍ଦ୍ରୋଦୟ- ରାଘ ୯।୪୯।୩୧**

**ପଞ୍ଚମୀ-** ରାଘ ୧।୧୯ ପର୍ଯ୍ୟନ୍ତ । ହସ୍ତା ନକ୍ଷତ୍ର ରାଘ ୧୨।୨୬ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ରାଘ ୧।୧୯ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୫ ଗତେ ଦିଘ ୭।୧୦ ମଧ୍ୟେ । ଦିଘ ୧୨।୨୫ ଗତେ ଦିଘ ୨।୪୦ ମଧ୍ୟେ ।



**ମେଷ:** ଆୟର ପରିମାଣ ବଢ଼ିବ । ବ୍ୟବସାୟରେ ଲାଭବାନ୍ ହେବେ । କଚେରୀ ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ । ଘରେ ସୁଖ ଶାନ୍ତି ଲାଭ ହେବ । ଦେହ ଓ ମନ ଭଲ ରହିବ ।



**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ । ଆୟର ପରିମାଣ ଅଧିକ ହେବ । ପାରିବାରିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡିପାରେ ।



**ମିଥୁନ:** ଧନ ଲାଭର ସମ୍ଭାବନା ରହିଛି । ବ୍ୟବସାୟରେ ସଫଳତା ପ୍ରାପ୍ତ ହେବ । ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି । ପାରିବାରିକ ଜୀବନରେ ସୁଖ, ଶାନ୍ତି ବିରାଜମାନ କରିବ ।



**କର୍କଟ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ କରି ଉପକୃତ ହେବେ । ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି । ରୋଜଗାର ସ୍ଥିର ରହିବ । ଘରେ ଖୁସିର ବାତାବରଣ ଦେଖାଦେବ ।



**ସିଂହ:** ପ୍ରତୀକ୍ଷିତ ଖବରଟି ହଠାତ୍ ମିଳିପାରେ । ବନ୍ଧୁ ଦର୍ଶନର ସୁଯୋଗ ରହିଛି । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ମହିଳାମାନେ ସୁଖୀ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।



**କନ୍ୟା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବେ । ଆୟର ପରିମାଣ ବଢ଼ିବ । ଗୃହେ ଆନନ୍ଦ ଲାଭ । ଦୂରକୁ ଯାତ୍ରା କରିପାରନ୍ତି ।



**ତୁଳା:** ଅଟକି ରହିଥିବା କାମଟି ଆପଣଙ୍କର ଆରମ୍ଭ ହୋଇପାରେ । ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ଶରୀର ସୁସ୍ଥ ରହିବ । ଧନ ଲାଭର ସମ୍ଭାବନା । ପାରିବାରିକ ଜୀବନ ସୁଖମୟ ହେବ ।



**ବିଛା:** କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ ହେବ । ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଗୃହେ ଶାନ୍ତି ରହିବ ।



**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ । ଆୟର ସ୍ଥିତି ବଳବତ୍ତର ରହିବ । ବନ୍ଧୁଙ୍କ ସହ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ପାରିବାରିକ ସୁଖ, ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ମକର:** ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପ୍ରାପ୍ତ ହେବ । ଖର୍ଚ୍ଚର ମାତ୍ରା ସାମାନ୍ୟ ବୃଦ୍ଧି ପାଇବ । ପାରିବାରିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ମହିଳାମାନେ ଗର୍ବୀ ହୋଇପାରନ୍ତି ।



**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମସନ୍ତୋଷ ଲାଭ କରିବେ । ଶରୀର ସାମାନ୍ୟ ସୁସ୍ଥ ରହିବ । ଆର୍ଥିକ ସ୍ଥିତି ଭଲ ରହିବ । ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ । ଘରେ ଖୁସି ରହିବ । ଦେବ ଦର୍ଶନ ଯୋଗ ।



**ମୀନ:** କର୍ମକ୍ଷେତ୍ରରେ ଶୁଭଫଳ ପ୍ରାପ୍ତ ହେବ । ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ । ଖର୍ଚ୍ଚର ମାତ୍ରା ସାମାନ୍ୟ ବଢ଼ିପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଶୁଭ ଖବର ପାଇ ଆନନ୍ଦିତ ହେବେ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୭।୦୨।୨୦୨୬, ମାଘ ଦି ୨୨ ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୬।୨୨।୩୪** **ଚନ୍ଦ୍ରୋଦୟ- ରାଘ ୧୦।୪୦।୪୫**

**ଷଷ୍ଠୀ-** ରାଘ ୨।୫୭ ପର୍ଯ୍ୟନ୍ତ । ଚିତ୍ରା ନକ୍ଷତ୍ର ରାଘ ୨।୩୦ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଦିଘ ୧।୨୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । ଦିଘ ୧।୨୬ ଗତେ ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମୀନ ରାଶିର । **ଘାତଚନ୍ଦ୍ର-** ବୃଷ ରାଶିର । ଦିଘ ୧।୨୬ ଗତେ ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୨।୫୬ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୩୮ ଗତେ ଦିଘ ୧।୫୦ ମଧ୍ୟେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଘାତକ ହେଉଛି ଅନ୍‌ଲାଇନ୍ ଗେମ୍ ନିଶା, ଯୁବପିଢ଼ିଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଉଛି

ଉତ୍ତରପ୍ରଦେଶର ଗାଜିଆବାଦର ସଦ୍ୟ ମାମଲା ଦେଶବାସୀଙ୍କୁ ଦୋହଲାଇ ଦେଇଛି । ୩ ଭଉଣୀ ୯ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ଏମାନେ କୋରିଆନ୍ ଅନ୍‌ଲାଇନ୍ ଟାସ୍କ-ଆଧାରିତ ଗେମିଂ ଆପର ଶିକାର ଥିଲେ ବୋଲି ପ୍ରାଥମିକ ରିପୋର୍ଟରୁ ସାମ୍ନାକୁ ଆସିଛି । ମାତାପିତା ଅନ୍‌ଲାଇନ୍ ଗେମ୍ ନିଶାକୁ ନେଇ ଆପତ୍ତି କରୁଥିଲେ ହେଁ, ପିଲାଙ୍କୁ ବଞ୍ଚାଇ ପାରିଲେ ନାହିଁ । ଅନ୍‌ଲାଇନ୍ ଗେମିଂ ଓ ଏଥିଯୋଗୁ ଆତ୍ମହତ୍ୟାର ଏହା ନୂଆ ମାମଲା ନୁହେଁ । ପୂର୍ବରୁ ମଧ୍ୟ ଦେଶର ଅନେକ ସ୍ଥାନରେ ଏଭଳି ଘଟଣା ସାମ୍ନାକୁ ଆସିଛି । ଅଗଷ୍ଟ, ୨୦୨୫ରେ ମଧ୍ୟପ୍ରଦେଶର ଇନ୍ଦୋରରେ ଜଣେ ୭ମ ଶ୍ରେଣୀ ଛାତ୍ର ଘରେ ଫାଶୀ ଲଗାଇଥିଲେ । କାରଣ ଅନ୍‌ଲାଇନ୍ ଗେମ୍‌ରେ ସେ ୨୮୦୦ ଟଙ୍କା ହାରି ଯାଇଥିଲେ । ଭୟ ଥିଲା, ଘର ଲୋକ ଜାଣିବା ପରେ ତାଙ୍କୁ ଗାଳି କରିବେ । ଗତ ଜୁନ୍‌ରେ ରାଜସ୍ଥାନରୁ ମଧ୍ୟ ଏଭଳି ଏକ ମାମଲା ସାମ୍ନାକୁ ଆସିଥିଲା । ଏଠାରେ ଅନ୍‌ଲାଇନ୍ ଗେମ୍ ପାଇଁ ସ୍ୱାମୀ-ସ୍ତ୍ରୀ ଆତ୍ମହତ୍ୟା କରିଥିଲେ । ଅନ୍‌ଲାଇନ୍ ଗେମ୍ ନିଶା ଯୋଗୁ ସ୍ୱାମୀଙ୍କ ଉପରେ ୪-୫ ଲକ୍ଷ ଟଙ୍କା ଋଣ ବୋଝ ଥିଲା । ଋଣ ସୁଝିବାକୁ ସେ ଗତ ଫେବ୍ରୁଆରୀରେ ୨୦ ବିଘା ଜମି ବି ବିକ୍ରି କରିଥିଲେ । ଗତ ଜୁନ୍‌ରେ ଉତ୍ତରପ୍ରଦେଶର କୁଶୀନଗରରେ ଜଣେ ୧୮ ବର୍ଷୀୟ ଛାତ୍ର ମଧ୍ୟ ଅନ୍‌ଲାଇନ୍ ଗେମ୍ ନିଶାରେ ଫାଶୀ ଲଗାଇଥିଲେ । ମୋବାଇଲ ଫୋନ୍, ଇଣ୍ଟରନେଟ୍ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ଟେକ୍ନୋଲୋଜି ଆମ ଜୀବନକୁ ଦ୍ରୁତ ଓ ସହଜ କରିଛି । ପୂର୍ବାପେକ୍ଷା ଅନେକ ବଡ଼ ବଡ଼ କାମ ଆମେ ଗୋଟିଏ କମାଣ୍ଡରେ କରିପାରୁଛୁ । କିନ୍ତୁ ଯୁବପିଢ଼ି ଓ ପିଲା ଏବେ ଇଣ୍ଟରନେଟ ଓ ଏହାର ତମାମ ଟୁଲ୍ ଉପରେ ଆବଶ୍ୟକଠୁ ଅଧିକ ନିର୍ଭରଶୀଳ । ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ବିପଦପୂର୍ଣ୍ଣ ବୋଲି କହୁଛନ୍ତି ।

ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ପବଜି, ଫ୍ରି ଫାୟର ଓ ଅନ୍ୟ ବ୍ୟାଟଲ୍ ଗେମ୍ ଭଳି ଅନ୍‌ଲାଇନ୍ ଗେମ୍ ଏବେ କେବଳ ମନୋରଞ୍ଜନର ମାଧ୍ୟମ ହୋଇନାହିଁ । ଯୁବପିଢ଼ିଙ୍କ ପାଇଁ ଏହା ପ୍ରାଣଘାତକ ନିଶା ପାଲଟିଛି । ଏହା ଦ୍ୱାରା ସେମାନଙ୍କ ଦିନଚର୍ଯ୍ୟା ଓ ବ୍ୟବହାର ପ୍ରଭାବିତ ହେଉଛି । ସେତିକି ନୁହେଁ, ଏଥିପାଇଁ ଆତ୍ମହତ୍ୟା ମାମଲାରେ ମଧ୍ୟ ବୃଦ୍ଧି ପରିଲକ୍ଷିତ ହେଉଛି । ୨୦୨୩ର ଏନ୍‌ସିଆରବିର ତଥ୍ୟ ଅନୁସାରେ, ଭାରତରେ ୮୫ରୁ ଅଧିକ ଆତ୍ମହତ୍ୟା ମାମଲାର ସିଧାସଳଖ ସମ୍ପର୍କ ଅନ୍‌ଲାଇନ୍ ଗେମ୍ ସହ ଥିଲା । ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲଥର ରିପୋର୍ଟ ଅନୁସାରେ, ଅତ୍ୟଧିକ ଗେମିଂ ନିଶା ମସ୍ତିଷ୍କର ରିୱାର୍ଡ ସିଷ୍ଟମ୍‌କୁ ଖୁବ୍ ପ୍ରଭାବିତ କରେ । କିଛି ମାମଲାରେ ଦେଖାଯାଇଛି, ଗେମ୍ ହାରିବା ପରେ କିମ୍ବା ଅଭିଭାବକ ମୋବାଇଲ ଫୋନ୍ ଛଡ଼ାଇ ନେବା ପରେ କିଶୋର-ଯୁବା ନିଜର କ୍ଷତି କରିଛନ୍ତି । ଏପରିକି ଆତ୍ମହତ୍ୟା ବି କରିଛନ୍ତି ।

ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ଅନ୍‌ଲାଇନ୍ ଗେମ୍‌କୁ ଏଭଳି ଡିଜାଇନ୍ କରାଯାଏ, ଯାହାକୁ ଲୋକେ ବାରମ୍ବାର ଖେଳିବେ । ରିୱାର୍ଡ ସିଷ୍ଟମ୍, ଲେଭଲ୍ ଅପ୍, ଭର୍ଚୁଆଲ କରେନ୍ସି ଓ ସୋସିଆଲ କନେକ୍ସନ୍ ମସ୍ତିଷ୍କରେ ଡୋପାମିନ୍ ଉତ୍ପନ୍ନ କରନ୍ତି । ଏହା ଦ୍ୱାରା ଗେମ୍ ଖେଳିବାର ଇଚ୍ଛା ଆହୁରି ବଢ଼ିଯାଏ । ଦୀର୍ଘ ସମୟ ଯାଏ ଗେମ୍ ଖେଳିବା ଦ୍ୱାରା ଆତ୍ମ-ନିୟନ୍ତ୍ରଣ ଦୁର୍ବଳ ହେବାକୁ ଲାଗେ ଏବଂ ନିଶା ବିପଦ ସ୍ତରକୁ ଚାଲିଯାଏ । ଡୋପାମିନ୍ ଅସ୍ଥାୟୀ ଆନନ୍ଦ ଦିଏ, କିନ୍ତୁ ଲଗାତାର ଗେମ୍ ଖେଳିବା ଦ୍ୱାରା ମସ୍ତିଷ୍କ ଏହାକୁ ଅଭ୍ୟାସରେ ପକାଇଦିଏ । ଫଳରେ ନ ଖେଳିଲେ ବ୍ୟକ୍ତି ବିଚଳିତ ଓ ଚିଡ଼ଚିଡ଼ା ଅନୁଭବ କରେ । ମନୋଚିକିତ୍ସକ କହନ୍ତି, ଏହା କେବଳ 'ଗେମ୍ ନିଶା'ର ମାମଲା ନୁହେଁ, ବରଂ ପିଲାଙ୍କ ଭାବନାତ୍ମକ ପରିପକ୍ୱତା, ଆତ୍ମସମ୍ମାନ ଓ ପାରିବାରିକ ସମ୍ବାଦର ଗୁଣବତ୍ତା ଉପରେ ପ୍ରଶ୍ନ ଉଠାଏ । ଅନ୍‌ଲାଇନ୍ ବ୍ୟାଟଲ୍ ଗେମ୍ କେବଳ ଦ୍ରୁତ ଡୋପାମିନ୍ ଉତ୍ପନ୍ନ କରାନ୍ତି ଓ ମସ୍ତିଷ୍କର ରିୱାର୍ଡ ସିଷ୍ଟମ୍‌କୁ ସକ୍ରିୟ କରିଦିଅନ୍ତି ତାହା ନୁହେଁ, ବରଂ ହାର-ଜିତ୍ ଓ ପୁରସ୍କାରକୁ ନିଜ ପରିଚୟ ଓ ଆତ୍ମସମ୍ମାନ ସହ ଯୋଡ଼ନ୍ତି । ଯେତେବେଳେ ଜଣେ ପିଲା ଅନ୍‌ଲାଇନ୍ ଗେମ୍‌ରେ ଟଙ୍କା ହାରିଯାଏ, କେବଳ ଆର୍ଥିକ କ୍ଷତି ନୁହେଁ ବିଫଳ ହେବାର ଆତ୍ମଗ୍ଲାନି ଅନୁଭବ କରେ ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୫୪)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ନିବିଡ ଅରଣ୍ୟ ଘେରା ମହାବୀର ବାଟିକାରେ ଶୋଭା ପାଉଛନ୍ତି ଅଖିଳ ବ୍ରହ୍ମାଣ୍ଡର ମହାନାୟକ ମହାପ୍ରଭୁ ଜଗନ୍ନାଥ । ଅଠରଟି ବସନ୍ତ ପାର ହୋଇଗଲାଣି । କାଲି ଭଳି ଲାଗୁଛି ବିଶର ମହାନ୍ତିଙ୍କୁ । ହାତ ଗଣତିର କେତୋଟି ଦିନ ଭିତରେ ଅଠରବର୍ଷ ବିତିଗଲାଣି । ଆଜି ବି ସବୁ ଜୀବନ୍ତ ଭଳି ଲାଗୁଛି । ସାଗର ବେଳାଭୂମିର ନିର୍ଜନ ଅବବାହିକାରେ ଆଉ ଦୁର୍ବାର ଅଭିଯାନ ମଧ୍ୟରେ ଅଜସ୍ର ବିଜୟର ମହାଉଲ୍ଲାସ ଫୁଟି ଉଠୁଛି ମହାବାହୁଙ୍କ ଅଧରରେ । କେତେ କେତେ ଗହନ କାନ୍ତାର ମଧ୍ୟରେ ଅନୁପମ ଲୀଳାର ଅବକାଶ ସେ ହେଉଛନ୍ତି ଏକମାତ୍ର ରସିକ ଶିରୋମଣୀ ଠାକୁର । କୋଟି କୋଟି ପାପ, ତାପ ଭରା ପ୍ରାଣର ସେ ହେଉଛନ୍ତି ଶୀତଳ ଚନ୍ଦନ । ଅସୁମାରୀ ଦୁଃଖ, ଦାରିଦ୍ର୍ୟ, ନିର୍ଯାତିତ ମଣିଷର ମନ ଆକାଶରେ ଯେ ହେଉଛନ୍ତି ଶାନ୍ତ, ଶୀତଳ ଚନ୍ଦ୍ରମା ଆଉ ମୁକ୍ତିର ଅଳିଭା ଉଜ୍ଜଳ ଆଲୋକ, ପୁଣି ଅନନ୍ତ କୋଟି ବ୍ରହ୍ମାଣ୍ଡର ସ୍ରଷ୍ଟା, ଆଉ ପ୍ରାଣ କେନ୍ଦ୍ର ହୋଇଥିଲେ ବି ସେ ଏ ଧୂଳି ଧୂସରିତ ମଣିଷ ସାଥିରେ କାହିଁ କି ଏତେ କ୍ରୀଡା କରନ୍ତି ସେ କଥା ଆଜି ଭାବୁଛନ୍ତି ଭକ୍ତ ପ୍ରବର ବିଶର ମହାନ୍ତି । କୁଜଙ୍ଗ ରାଜ୍ୟସାରା ପ୍ରଚାର ଚାଲିଛି ମହାବାହୁ ପୁଣି ଫେରିବେ ନୀଳାଚଳ ଧାମ । ଏ କଥାବି ତାଙ୍କର କର୍ଣ୍ଣଗୋଚର ହୋଇସାରିଲାଣି । ମହାବାହୁଙ୍କୁ କୁଜଙ୍ଗ ଗଡରୁ ଫେରାଇ ନେବାପାଇଁ ପୁରୀରୁ ରାଜା ରାମ ଚନ୍ଦ୍ର ଦେବ ତାଙ୍କର ସ୍ୱତନ୍ତ୍ର ପ୍ରତିନିଧି ବଡ ପଦ୍ମନାଭ ପଟ୍ଟନାୟକଙ୍କ ହାତରେ ଏକ ଆଦେଶନାମା ଲେଖି କୁଜଙ୍ଗ ରାଜ ଗୋପୀନାଥ ନରେନ୍ଦ୍ରଙ୍କ ନିକଟକୁ ପଠାଇଛନ୍ତି ।



ରାମଚନ୍ଦ୍ର ଦେବ କେବଳ ପଦ୍ମନାଭ ପଟ୍ଟନାୟକଙ୍କୁ ପଠାଇନାହାନ୍ତି, ତାଙ୍କ ସାଥିରେ ବି ପଠାଇଛନ୍ତି କିଛି ସାମରିକ ଲଢୁଆ ଆଉ ସଶକ୍ତ ଯୋଦ୍ଧା, କାରଣ ଠାକୁରମାନଙ୍କୁ ଶ୍ରୀକ୍ଷେତ୍ର ନେବାବେଳେ କାଳେ କିଛି ଅଘଟଣ ଘଟିବ, ତାହାକୁ ପ୍ରତିହତ କରିବା ପାଇଁ ଏ ସଶସ୍ତ୍ର ସୈନିକମାନେ ଯୁଦ୍ଧ କରି ଠାକୁରମାନଙ୍କୁ ସୁରକ୍ଷା ପ୍ରଦାନ କରିବେ ।

ଏ ରାମଚନ୍ଦ୍ର ଦେବଙ୍କ ପରିଚୟ ହେଲା ୧୫୫୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶା ସିଂହାସନ ଆରୋହଣ କରିଥିବା ଗୋବିନ୍ଦ ବିଦ୍ୟାଧରଙ୍କ ଉତ୍ତରାଧିକାରୀ ଦନେଇ ବିଦ୍ୟାଧରଙ୍କ ପୁତ୍ର ରାମଚନ୍ଦ୍ର ମହାପାତ୍ର, ଗଜପତି ମୁକୁନ୍ଦଦେବଙ୍କ ମୃତ୍ୟୁ ପରେ ଦକ୍ଷିଣ ଓଡ଼ିଶାର ସୀମାନ୍ତ ନରପତିମାନଙ୍କ ସହଯୋଗରେ ୧୫୭୨ ଖ୍ରୀଷ୍ଟାବ୍ଦ ସୁଦ୍ଧା ଖୋର୍ଦ୍ଧା ରାଜ୍ୟ ଗଠନ କରିବାରେ ସମର୍ଥ ହୋଇଥିଲେ । ଏଥି ସମୟଟି ଥିଲା ପୁରୀରେ ଗଜପତି ଉପାଧି ଧାରଣ କରି ରାଜା ହେବା ନିମନ୍ତେ ପର୍ଯ୍ୟାପ୍ତ ଅନୁକୂଳ ପରିବେଶ । କାହିଁ କିନା ସେତେବେଳକୁ ଓଡ଼ିଶାର ଇଷ୍ଟଦେବ ଜଗନ୍ନାଥ ବିଧର୍ମୀମାନଙ୍କ ଦ୍ୱାରା ଅପହୃତ । ପୁରୀର ବାତାବରଣ ଥିଲା ଅତ୍ୟନ୍ତ ଦୁଃଖଦ ଓ ନୈରାଶ୍ୟର ଗୋଟାଏ ଭୟଙ୍କର ପରିବେଶ । ଚତୁଃର୍ଦ୍ଦିଗରେ ଅରାଜକତାର ଗମ୍ଭୀର ପଦଧ୍ୱନି । ବିଶ୍ୱାସଘାତକମାନଙ୍କର ଲାସ୍ୟ ଲୀଳାରେ ପରିପୂର୍ଣ୍ଣ ସମାଜ । ଜଘନ୍ୟ ରାଜନୈତିକ ସଂକଟରେ ଜନସାଧାରଣ ଅତିଷ୍ଠ । ଜନ ଜୀବନ ଉପରେ ନିରାଶାର ନିବିଡ ଅନ୍ଧକାର । ଏହି ଭୟାନକ ପରିସ୍ଥିତିକୁ ଦୃଷ୍ଟିରେ ରଖି ତତ୍କାଳିନ ପାରମ୍ପରିକ ରାଜଗୁରୁ ବଂଶ ରାମଚନ୍ଦ୍ରଙ୍କୁ ଗଜପତି ଭାବରେ ଏବଂ ଗଜପତି ରାଜାଙ୍କର ଉତ୍ତରାଧିକାରୀ ଭାବରେ ସ୍ୱୀକୃତି ପ୍ରଦାନ କଲେ । ସେହିଁ ଦିନଠାରୁ ସେ ଗଜପତି ରାମଚନ୍ଦ୍ର ଦେବ ଭାବେ ପରିଚିତ ହେଲେ ।

ଚକଡା ପୋଥିର ଐତିହାସିକ ବିଚାରରେ ପ୍ରକାଶ କରନ୍ତି ଯେ "ଦିନେ ରାତିରେ ରାଜାଙ୍କୁ ସ୍ୱପ୍ନାଦେଶ ହେଲା ଯେ ଆମ୍ଭେ କୁଜଙ୍ଗଗଡ ଠାରେ ବିଜେ କରି ରହିଅଛୁ । ସେ ଶାଳାକାକୁ ନେଇ ତୁ ନୂଆ କରି ଦାରୁ ବ୍ରହ୍ମ ମୂର୍ତ୍ତି କରିବୁ । ମହାଅଣସରରେ ବାଲି ନୃସିଂହଠାରୁ ଆମ୍ଭଙ୍କୁ ବିଜେ କରାଇ ନେଇ ଦେଉଳ ଭିତର ରତ୍ନ ସିଂହାସନରେ ବିଜେ କରାଇବୁ'' । ଏହି ଆଦେଶ ପରେ ରାମ ଚନ୍ଦ୍ର ଦେବ ବଡ ପଦ୍ମନାଭ ପଟ୍ଟନାୟକଙ୍କୁ ଆଜ୍ଞାଦେଲେ । ସେ ଯାଇ କୁଜଙ୍ଗରୁ ମହାସମାରୋହରେ ବ୍ରହ୍ମଙ୍କୁ ଆଣିଲେ । ଇଏ ହେଲା ସଂକ୍ଷିପ୍ତ ତଥ୍ୟ ଚକଡା ପୋଥିର । ଏହି ପଦ୍ମନାଭ ପଟ୍ଟନାୟକ ହେଉଛନ୍ତି ରାମଚନ୍ଦ୍ର ଦେବଙ୍କ ସ୍ୱତନ୍ତ୍ର ପ୍ରତିନିଧି ।

କୁଜଙ୍ଗର ରାଜା ଗୋପୀନାଥ ନରେନ୍ଦ୍ରଙ୍କ ସମ୍ମୁଖରେ ରାମଚନ୍ଦ୍ର ଦେବଙ୍କ ଆଦେଶ ସମ୍ବଳିତ ଚିଟାଉଟିରୁ ପାଠକରି ପଦ୍ମନାଭ ପଟ୍ଟନାୟକ ଶୁଣାଇବା କ୍ଷଣି କୁଜଙ୍ଗ ରାଜାଙ୍କ ଆଖିରୁ ଝରି ଗଲା ଅବାରିତ ଲୋକତ ଧାରା । ପଦ୍ମନାଭ ପଟ୍ଟନାୟକ ଗୋଟାଏ ବଡ ଆଶ୍ୱାସନା ଦେଇ କହିଲେ ଯେ "ହେ ରାଜନ ଆପଣ ଗଜପତି ରାଜାଙ୍କର ଏହି ଆଦେଶକୁ ନେଇ ଯେତିକି ବିଚଳିତ ହୋଇପଡୁଛନ୍ତି, ଆପଣଙ୍କ ଆଖିରୁ ଯେପରି ଲୁହ ଝରିପଡୁଛି ଆଉ ଏହା ରାଜଦରବାରରେ ଉପସ୍ଥିତ ଥିବା ସମସ୍ତ ରାଜକର୍ମଚାରୀ "କ୍ରୋଧିତ ହୋଇ ହୋଇ ମଧ୍ୟ ଯେପରି ଅଶ୍ରୁପାତ କରୁଛନ୍ତି ଏହାକୁ ମୁଁ ଦେଖି ସାରିବା ପରେ ମୁଁ ନିଜେ ଅତ୍ୟନ୍ତ ମର୍ମାହତ ହୋଇପଡିଲିଣି, ଯାହାକୁ ମୁଁ ଭାଷାରେ ପ୍ରକାଶ କରିବା ପାଇଁ ଅସମର୍ଥ, କାରଣ ମୁଁ ବି ଜଣେ ଆପଣଙ୍କ ଭଳି ରକ୍ତ ମାଂସଧାରୀ ମଣିଷ । କିନ୍ତୁ ସମସ୍ତ ଅଶ୍ରୁପାତ, ସମସ୍ତ ଘାତ ପ୍ରତିଘାତ ଉପରେ ହେଉଛନ୍ତି ଉତ୍କଳ ରାଜ୍ୟର ମଉଡମଣି ଓ ଅନନ୍ତ କୋଟି ବ୍ରହ୍ମାଣ୍ଡର ମହାମହିମ ସମ୍ରାଟ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଯିଏ ସମସ୍ତ ଜଗତର ଆସ୍ଥା, ଯାହାଙ୍କର ସିଂହାସନ ହେଉଛି ରତ୍ନସିଂହାସନ । ଯେ ତ୍ରିବାର ସତ୍ୟ କରି କହିଛନ୍ତି ଦେଉଳ କି ମୂର୍ତ୍ତି ଭାଙ୍ଗିଗଲେ ମଧ୍ୟ ଶ୍ରୀକ୍ଷେତ୍ର ଛାଡିଯିବେ ନାହିଁ । (ସତ୍ୟଂ ସତ୍ୟଂ ପୁନଃ ସତ୍ୟ ସତ୍ୟମେବ ଦ୍ରବିମିତେ ପ୍ରାସାଦ ପ୍ରତିମା ଭଗ୍ନେନ ତ୍ୟ ଯ୍ୟାଣି କଦାଚନ) (ସ୍କନ୍ଦ ପୁରାଣ) ସମଗ୍ର ବିଶ୍ୱ ପ୍ରତୀକ୍ଷା କରିଛି ମହାପ୍ରଭୁ ଶ୍ରୀ ଜଗନ୍ନାଥ ପୁରୀ ଶ୍ରୀମନ୍ଦିର ମଧ୍ୟରେ ପୁନର୍ବାର ପ୍ରତିଷ୍ଠା କରାଯିବାର ଶୁଭ ମୁହୂର୍ତ୍ତକୁ । ଆପଣ ସେଥିରେ ବିଘ୍ନ ସୃଷ୍ଟି କରନ୍ତୁ ନାହିଁ ରାଜନ । ମୁଁ ସମସ୍ତ ବ୍ୟବସ୍ଥା କରିବା ସହିତ ତିନୋଟି ସୁସଜ୍ଜିତ ବୋଇତ ସାଥିରେ ନେଇ ଆସିଛି । ଆପଣ ଏଥିରେ ଦୁଃଖ ପ୍ରକାଶ ନ କରି ଆମମାନଙ୍କର ଇଷ୍ଟ ଦେବଙ୍କୁ ପୁନର୍ବାର ରତ୍ନସିଂହାସନ ଆରୋହଣ କରାଇବାର ବ୍ୟବସ୍ଥା କରାନ୍ତୁ । ହେ ରାଜନ ଆପଣ ବି ଏହି ବିଶାଳ ମଙ୍ଗଳମୟ ସ୍ୱର୍ଣ୍ଣାଭ ମହୋତ୍ସବ କାର୍ଯ୍ୟର ହେବେ ପ୍ରଥମ ପୃଷ୍ଠପୋଷକ । ଆପଣଙ୍କର ପରମ କଲ୍ୟାଣ ହେବ ରାଜନ । ଆପଣଙ୍କର ଏ ଦୁର୍ଲ୍ଲଭ ତମ ଯଶକୁ ସମଗ୍ର ସଂସାର ଚିରଦିନ ପାଇଁ ମନେରଖିବ । ଆପଣ ହେବେ ଇତିହାସ ପ୍ରସିଦ୍ଧ ନରପତି । ଏଥିରେ ଆପଣ ସାମାନ୍ୟତମ ବିରୋଧ ନ କରି ମହାପ୍ରଭୁଙ୍କୁ ଆସନ୍ତା କାଲି ପ୍ରତ୍ୟୁଷରୁ କୁଜଙ୍ଗ ଗଡରୁ ବିଦାୟ କରିବାର ବ୍ୟବସ୍ଥା କରିବାପାଇଁ ମୁଁ ଅତି ବିନମ୍ରତାର ସହ ପ୍ରାର୍ଥନା କରୁଛି ।''

ପଦ୍ମନାଭ ପଟ୍ଟନାୟକଙ୍କ ମୁଖରୁ ଏହି ଭବ୍ୟ ସନ୍ଦେଶକୁ ଶ୍ରବଣ କରି ରାଜା ଗୋପୀନାଥ ନରେନ୍ଦ୍ରଙ୍କ ବିଚଳିତ ଭାବ ପ୍ରଶମିତ ହେବା ସଙ୍ଗେ ସଙ୍ଗେ ପ୍ରଜାମାନଙ୍କର ପ୍ରବଳ ବିରୋଧ ସତ୍ତ୍ୱେ, ପଦ୍ମନାଭ ପଟ୍ଟନାୟକଙ୍କୁ ସମ୍ମତି ପ୍ରଦାନ କଲେ । ଚତୁଃପାର୍ଶ୍ୱରେ ଗୋଟାଏ ବିଶାଦର କଳା ବାଦଲ ଘୋଟି ଯାଇଥିଲା । ଧୀରେ ଧୀରେ ସେ କଳା ବାଦଲଟା ଭୟାନକ ବିଜୁଳିର ଶବ୍ଦରେ ଫାଟିଯାଇ ଅବାରିତ ଲୁହର ବର୍ଷା ଢାଳି ଚାଲିଲା କୁଜଙ୍ଗ ରାଜ୍ୟରେ । ମହାପ୍ରଭୁଙ୍କୁ ବିଦାୟ ଦେବାପାଇଁ ପଦ୍ମନାଭ ପଟ୍ଟନାୟକ ଆସି ମହାବୀର ବାଟିକାରେ ଭକ୍ତ ପ୍ରବର ବିଶର ମହାନ୍ତିଙ୍କୁ ଦେଖାକଲେ । ସାଥିରେ ଆସିଥାନ୍ତି ମହାରାଜ ଗୋପୀନାଥ ନରେନ୍ଦ୍ର । ପଦ୍ମନାଭ ପଟ୍ଟନାୟକଙ୍କୁ ମହାରାଜ ରାମଚନ୍ଦ୍ର ଦେବ ଜଗନ୍ନାଥଙ୍କୁ ନେବାପାଇଁ କୁଜଙ୍ଗ ଗଡ ପଠାଇଛନ୍ତି ବୋଲି ବିଶର ମହାନ୍ତି ଜାଣିବା ପରେ ଅତ୍ୟନ୍ତ ବିନମ୍ର ଭାବରେ ପ୍ରଣାମ କଲେ । ପଦ୍ମନାଭ ପଟ୍ଟନାୟକ କହିଲେ "ହେ ବିଶର ଆମଙ୍କୁ ଦୀର୍ଘ ଦିନ ଧରି ଯେଉଁ ଭୟାବହ ଦୁଃଖ, ଯନ୍ତ୍ରଣା, କ୍ଷୁଧା ତୃଷାକୁ ଭୁଲିଯାଇ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଓଡ଼ିଆ ଜାତିର ଇଷ୍ଟ ଦେବତା ମହାପ୍ରଭୁଙ୍କୁ ଗଙ୍ଗାକୂଳରୁ ଉଦ୍ଧାର କରି ତାଙ୍କୁ ସୁରକ୍ଷିତ ରଖିଛି । ସେହି ଅମ୍ଳାନ କୃତି ନିକଟରେ ଏ ଓଡ଼ିଆ ଜାତି ଯେତେ କୃତଜ୍ଞତା ଜଣାଇଥିଲେ ମଧ୍ୟ ତାହା ତୁମର ମହାନ ଅବଦାନ ନିକଟରେ କମ ହେବ । ଖାଲି ଏତିକି ନୁହେଁ ତୁମେ ଜଗନ୍ନାଥଙ୍କ ନିକଟରେ ନିଜକୁ ଯେପରି ସମର୍ପଣ କରିଦେଇଛି, ସେପରି ସତ୍ୟନିଷ୍ଠ ଭକ୍ତିଚେତନା ଏ ବିଶ୍ୱ ପୃଷ୍ଠରେ ବିରଳତମ ଅଧ୍ୟାୟ ।

# ସାହିତ୍ୟ, କଳା, ଆଧ୍ୟାତ୍ମିକତା ଓ ସୌନ୍ଦର୍ଯ୍ୟ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ୧୯୦୯ ବର୍ଷରେ ଗୋଟେ ଅଚାନକ ଘଟଣା ଘଟିଲା ଯାହା ଫଳରେ କେବଳ ଫରାସୀ ସାହିତ୍ୟ ନୁହଁ ବିଶ୍ୱ ସାହିତ୍ୟର ଇତିହାସ ବଦଳିଗଲା । ମଧ୍ୟବିତ୍ତ ଶ୍ରେଣୀର ଇହୁଦୀ ପିତାମାତାଙ୍କର ଜଣେ ୩୮ ବର୍ଷ ବୟସର ପୁଅ, ଯିଏ ତାଙ୍କ ଜୀବନର ବିଶାଳ ଭାଗ ଜଣେ ଶଯ୍ୟାଶାୟୀ ରୋଗୀ ଭାବରେ ଅତିବାହିତ କରିଥିଲେ, କୌଣସି ରୋଜଗାରକ୍ଷମ କର୍ମ କରୁନଥିଲେ, ସାମାଜିକ ପତ୍ରପତ୍ରିକା ପାଇଁ ସୌକିନ୍ ଅଥଚ ଅନୁରାଗୀ ସାମ୍ବାଦିକ ଥିଲେ, ଅଭିଜାତବର୍ଗଙ୍କୁ ପ୍ରଶଂସା କରୁଥିଲେ, ଜଣେ ଅପବ୍ୟୟୀ ଥିଲେ ଓ ସୌଖୀନ୍ ରାତିକ୍ଲବ୍‌କୁ ଯାଇ ପରିଚାରକମାନଙ୍କୁ ଶତକଡ଼ା ୨୦୦ ଅର୍ଥ ଦେଉଥିଲେ, ସେ ତାଙ୍କ ଯୁଗର ସାମାଜିକ ଆଚାର ବିଚାରକୁ ଚିତ୍ରଣ କରି ଗୋଟେ ଉପନ୍ୟାସ ଲେଖା ଆରମ୍ଭ କଲେ, ଯାହା ଶେଷରେ ୭ଖଣ୍ଡରେ ପ୍ରକାଶିତ ହେଲା, ପୃଷ୍ଠା ସଂଖ୍ୟା ଥିଲା ସମୁଦାୟ ୪,୨୧୫, ଚରିତ୍ର ସଂଖ୍ୟା ୨,୦୦୦, ସର୍ଜନଶୀଳ କଳ୍ପନାର ସୀମାହୀନ କ୍ଷେତ୍ରରେ ଥିଲା ଏକ ସ୍ମାରକୀୟ, ଚିର ସ୍ମରଣୀୟ ସୀମାଚିହ୍ନ । ସେ ଥିଲେ ମାର୍ସେଲ୍ ପ୍ରାଉଷ୍ଟ, ତାଙ୍କ ମହାନ୍ କଳାକୃତିର ଇଂରାଜୀ ଅନୁବାଦର ଶୀର୍ଷକ ଥିଲା 'ଇନ୍ ସର୍ଚ୍ଚ ଅଫ୍ ଲଷ୍ଟ୍ ଟାଇମ୍' । ପ୍ରଥମ ପ୍ରକାଶକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ପ୍ରାଉଷ୍ଟ୍ ନିଜେ ଅର୍ଥ ଖର୍ଚ୍ଚ କରି ୧ମ ଖଣ୍ଡ ପ୍ରକାଶ କଲେ ୧୯୧୩ ବର୍ଷରେ, ତାଙ୍କ ଜୀବଦ୍ଦଶାରେ ଅନ୍ୟ ଜଣେ ପ୍ରକାଶକ ଆଉ ୩ଖଣ୍ଡ ପ୍ରକାଶ କଲେ, ୫୧ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା, ତା'ପରେ ଶେଷ ୩ ଖଣ୍ଡ ପ୍ରକାଶ ପାଇଲା ।

ଆଜି ପ୍ରାଉଷ୍ଟ୍ ହେଉଛନ୍ତି ଜଣେ ସାରସ୍ୱତ କିମ୍ବଦନ୍ତୀ । ସମସ୍ତେ ଜାଣନ୍ତି, ତାଙ୍କର ମହାନ କଥା ସେ ପିଲାଦିନେ ଖାଉଥିବା ମାଡେଲିନ୍ କେକ୍ ବା ନଡ଼ିଆ, ଜାମ୍‌ରେ ତିଆରି କେକ୍‌ର ସ୍ୱାଦ ଦ୍ୱାରା ପ୍ରେରିତ ହୋଇଛି । କିନ୍ତୁ ଖୁବ୍ କମ୍ ଲୋକ ତାଙ୍କ ବିପୁଳ ଉପନ୍ୟାସକୁ ପଢ଼ିବାର ଅତ୍ୟନ୍ତ କଠିନ କାର୍ଯ୍ୟ କରିଛନ୍ତି, ଯେଉଁ ଉପନ୍ୟାସକୁ ଗ୍ରାହାମ୍ ଗ୍ରୀନ୍ କହିଛନ୍ତି, 'ବିଂଶ ଶତାବ୍ଦୀର ମହତ୍ତମ ଔପନ୍ୟାସିକଙ୍କ ସର୍ଜନା', ଓ ସମରସେଟ୍ ମମ୍ କହନ୍ତି, 'ଏ ପର୍ଯ୍ୟନ୍ତ ଲେଖାଯାଇଥିବା ମହତ୍ତମ ଉପନ୍ୟାସ' । ଏବେ ଆଲେନ୍ ଡି ବଟନ୍ 'ପ୍ରାଉଷ୍ଟିଆନିଜିମ୍' ଅର୍ଥାତ୍ ପ୍ରାଉଷ୍ଟଙ୍କୁ ଘେରି ରହିଥିବା ରହସ୍ୟ ସମ୍ବନ୍ଧରେ ଗୋଟେ 'ଡୁ-ଇଟ୍-ଇଓର୍‌ସେଲ୍‌ଫ୍ ମ୍ୟାନୁଆଲ୍' ଲେଖିଛନ୍ତି, ଯା'ର ଶୀର୍ଷକ 'ହାଓ ପ୍ରାଉଷ୍ଟ୍ କ୍ୟାନ୍ ଚେଞ୍ଜ୍ ଇଓର୍ ଲାଇଫ୍ : ନଟ୍ ଏ ନଭେଲ୍' । ଉଭୟ ପ୍ରାଉଷ୍ଟ ଓ ବଟନ୍ ଖୁବ୍ ବିଦ୍ୱାନ, ସମ ପରିମାଣରେ ରୋଚକ, ମନୋରଂଜକ । ବଟନ୍‌ଙ୍କ ଦ୍ୱାରା ଲିଖିତ ପ୍ରାଉଷ୍ଟଙ୍କ ସମ୍ବନ୍ଧୀୟ ଉପକ୍ରମ ମନୋଯୋଗର ସହିତ ପଠନୀୟ ଏକ ସାରସ୍ୱତ ଜୀବନ-ଚରିତ, ଯାହା କଳା ଓ ଆଧ୍ୟାତ୍ମିକତାର ଦ୍ୱୈତ କ୍ଷେତ୍ରକୁ ଆବିଷ୍କାର କରେ । ପ୍ରାଉଷ୍ଟଙ୍କ ଜର୍ଣ୍ଣାଲ୍‌ରୁ ଉଦ୍ଧାର କରି ବଟନ୍ କହନ୍ତି ଯେ ସାହିତ୍ୟ ଓ କଳା ଚେତନାକୁ ଉନ୍ନତ କରେ ଓ ଆଧ୍ୟାତ୍ମିକତାକୁ ପ୍ରୋତ୍ସାହନ ଯୋଗାଏ ।

ସାହିତ୍ୟ, କଳା ଓ ଆଧ୍ୟାତ୍ମିକତାରେ ଜୀବନର ପ୍ରକୃତ ସୌନ୍ଦର୍ଯ୍ୟ ନିହିତ । ଇଂରେଜ୍ ବୌଦ୍ଧିକ କବି ଓ ଜନ୍ ଡ୍ରାଇଡେନ୍‌ଙ୍କ ସମସାମୟିକ ଆଲେକ୍‌ଜାଣ୍ଡର୍ ପୋପ୍ କହନ୍ତି, 'ଗୋଟେ ଓଠ ବା ଆଖିକୁ ଆମେ ସୌନ୍ଦର୍ଯ୍ୟ କହୁନା / କିନ୍ତୁ ଏ ସମସ୍ତର ସଂଯୁକ୍ତ ଶକ୍ତି ଓ ପୂର୍ଣ୍ଣ ପ୍ରଭାବକୁ କହୁ ।' ସୌନ୍ଦର୍ଯ୍ୟର ବିଚାର ବ୍ୟକ୍ତିନିଷ୍ଠ, କାରଣ ଆମେ ତାକୁ ସମଗ୍ରତାରେ ଗ୍ରହଣ କରୁନା ବୋଧ ହୋଇଥିବା ସୌନ୍ଦର୍ଯ୍ୟ ହେଉଛି ସମଗ୍ରତାରୁ ଖଣ୍ଡିତ ଏକ ଅଂଶ । ସୌନ୍ଦର୍ଯ୍ୟ ତାହା ନୁହଁ ଯାହା ବୋଧକୁ ଆକର୍ଷଣ କରେ, ବରଂ ତାହା, ଯାହା ଆତ୍ମାକୁ ସ୍ପନ୍ଦିତ କରେ । କେବଳ ରୂପ, ଆକୃତି ଠାରୁ ବହୁ ଅଧିକ, ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜଣେ ବ୍ୟକ୍ତିର ଅନ୍ତରୀଣ ଭଦ୍ରତା, ସୌଜନ୍ୟ । ଯାହା ହୃଦୟରେ ସୁନ୍ଦର ତାହା ଦେଖିବାକୁ ମଧ୍ୟ ସୁନ୍ଦର । ଜଣେ ବ୍ୟକ୍ତିର ଚରିତ୍ର ହେଉଛି ପରମାର୍ଥ, ପରମ ଶୁଭ, ପରମ ହିତ, ଅନ୍ତିମ ସୌନ୍ଦର୍ଯ୍ୟ, ଯାହା ମୁଖ ଓ ରୂପରେ ନିଜକୁ ପ୍ରକଟ କରେ । ଗୋଟେ ଛୋଟ ଝିଅକୁ କୁହାଯାଇଥିଲା, ଆବ୍ରାହାମ୍ ଲିଙ୍କନ୍ ଦେଖିବାକୁ ଖୁବ୍ ସୁନ୍ଦର ନୁହଁନ୍ତି । ତା'ର ବାପା ତାକୁ ହ୍ୱାଇଟ୍ ହାଉସ୍‌କୁ ନେଇଗଲେ, ସେ ରାଷ୍ଟ୍ରପତିଙ୍କୁ ଦେଖିଲା, ଲିଙ୍କନ୍ ତା' ସହିତ କିଛି ସମୟ ପାଇଁ ସଜ୍ଜନ, ଭଦ୍ର ଭାବରେ, ହାସ୍ୟପୂର୍ଣ୍ଣ, ବିନୋଦପୂର୍ଣ୍ଣ ଢଙ୍ଗରେ କଥା ହେଲେ। ହଠାତ୍ ସେ କହିଲା, 'ବାପା, ଲିଙ୍କନ୍ ତ ଆଦୌ ଅସୁନ୍ଦର ନୁହଁନ୍ତି, ଖୁବ୍ ସୁନ୍ଦର ।'

'ସିରତ୍ କେ ହମ୍ ଗୁଲାମ୍ ହେଁ, ସୁରତ୍ ନହିଁ ତୋ କ୍ୟା / ହୁରେଁ ଫଲକ୍ କି ଶୈଦାଥିନ୍ ହଜ୍‌ରତ୍ ବିଲାଲ୍ ପେ ।' ଅର୍ଥାତ୍ 'ମୁଁ ରୂପ, ଆକୃତି ଦେଖେ ନାହିଁ ମୁଁ ଅଧିକ ଦେଖେ ଚରିତ୍ର / ସ୍ୱର୍ଗର ଘଣ୍ଟା ହଜ୍‌ରତ୍ ବିଲାଲ୍‌ଙ୍କ ଦ୍ୱାରା ପିଟାଗଲା।' ବିଲାଲ୍ ଥିଲେ ଇସ୍‌ଲାମ୍‌ର ପ୍ରଥମ ମୁଆଜିନ୍, ସେ ଥିଲେ ଜଣେ ଉତ୍ତର ଆଫ୍ରିକୀୟ କ୍ରୀତଦାସ, ଯାହାଙ୍କୁ ମହମ୍ମଦ ଦାସତ୍ୱରୁ ମୁକ୍ତ କରିଥିଲେ ଓ ଦୈନନ୍ଦିନ ପ୍ରାର୍ଥନାର ଆହ୍ୱାନକର୍ତ୍ତା କରିଥିଲେ ।

ବହୁ ବର୍ଷ ତଳେ ଜଣେ ବ୍ୟକ୍ତି ପୋଲାଣ୍ଡର ରାଜଧାନୀ ୱାର୍ସାରେ ଗୋଟେ କଳା ସଂଗ୍ରହାଳୟରେ ଚିତ୍ରଟେ ଦେଖିଲେ। ପୋଲାଣ୍ଡର କେହି ଜଣେ ଅଜ୍ଞାତ ଚିତ୍ରକର ପ୍ରଥମ ବିଶ୍ୱଯୁଦ୍ଧ କାଳରେ ଯା'କୁ ଅଙ୍କନ କରିଥିଲେ । ଚିତ୍ରଟି ଥିଲା ଗୋଟେ ମୁଖମଣ୍ଡଳବିହୀନ ନାରୀର । ଚିତ୍ରର ଗୋଟେ କୋଣରେ ଟିପ୍ପଣୀଟିଏ ଲେଖାଥିଲା - 'ସୌନ୍ଦର୍ଯ୍ୟ ସମ୍ପର୍କିତ ତୁମର ବିଚାର, ଅବଧାରଣାକୁ ଏଥିରେ ଆରୋପ କର, ତା' ପାଇଁ ମୁଖମଣ୍ଡଳଟିଏ ଚିନ୍ତା କର ।' ଏତଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ତା' ନିଜର ବିଚାର ଅନୁଯାୟୀ ଚିତ୍ରଟିକୁ କଳ୍ପନା କରିବ । ପ୍ରକୃତରେ ଏହା ଚିତ୍ତାକର୍ଷକ । ନିରାକାର, ଅମୂର୍ତ୍ତ ହେବାରେ ହିଁ ସୌନ୍ଦର୍ଯ୍ୟର ମୁଖ୍ୟ ଅବଧାରଣା ନିହିତ । 'କୋଇ ସୁରତ ଦେ ଦୋ କେ ତରସ୍ତା ହୁଁ ମେଁ / ମେରି ତମିର୍ କି ମିଟ୍ଟି ଅଭି ନରମ ହୟ ଦେଖୋ' - 'ମୋତେ ଦିଅ ଗୋଟେ ମୁଖ, ଗୋଟେ ରୂପ, ମୋ ମାଟି ତଥାପି ଓଦା ଅଛି ।' ଯେଉଁ ମୁହୂର୍ତ୍ତରେ ଆମେ ସୌନ୍ଦର୍ଯ୍ୟକୁ ନିର୍ଦ୍ଦିଷ୍ଟ ଓ ପରିମାଣାତ୍ମକ କରିବାକୁ ଚେଷ୍ଟା କରୁ, ସୌନ୍ଦର୍ଯ୍ୟ ତା'ର ଆଭା ଓ ଆକର୍ଷଣ ହରାଇବସେ । ଫରାସୀ ଭାଷାରେ ଗୋଟେ ନିବନ୍ଧନ ଅଛି - 'ଜେ ନେ ସାଇସ୍ କ୍ୱୋଇ', ମୁଁ ଜାଣେ ନାହିଁ କ'ଣ । ସୌନ୍ଦର୍ଯ୍ୟର ଏହି ଗୁଣ ରହିବା ଉଚିତ ଯେ ଯା'କୁ ପର୍ଯ୍ୟାପ୍ତ ଭାବରେ ବର୍ଣ୍ଣନ ବା ଅଭିବ୍ୟକ୍ତ କରାଯାଇପାରିବ ନାହିଁ, ତଥାପି ତାହା କୌଣସି ବ୍ୟକ୍ତିକୁ ବା ବସ୍ତୁକୁ ଅଧିକ ଆକର୍ଷକ, ମନମୋହକ ଓ ରୋଚକ, ଆନନ୍ଦଦାୟକ କରିବ । ସୌନ୍ଦର୍ଯ୍ୟ ସବୁବେଳେ ଗୋଟେ ଖୋଲା ବିଚାର । ଆମେ ଏହାକୁ ବାନ୍ଧି ରଖିପାରିବା ନାହିଁ କି ବର୍ଣ୍ଣନା କରିପାରିବା ନାହିଁ । ପ୍ରେମ ଭଳି ଏହା ଅପରିଭାଷ୍ୟ, ଅବର୍ଣ୍ଣନୀୟ, ତଥାପି ଏତେ ବାଞ୍ଛନୀୟ, ଆକର୍ଷକ । ପ୍ରେମ ଭଳି ଏହାକୁ କେବଳ ଅନୁଭବ କରାଯାଇପାରେ । ଆମେ ପଲ୍ଲବଗ୍ରାହୀ ହୋଇ ଏହାକୁ ପ୍ରଶଂସା କରିପାରିବା ନାହିଁ, ତେବେ ଏହା ଦୃଶ୍ୟରତିକ ଓ ଅତି ସାଧାରଣ ହୋଇଯିବଦ । ଯେତେବେଳେ ସୌନ୍ଦର୍ଯ୍ୟକୁ ହୃଦୟରେ ଅନୁଭବ କରାଯାଏ ନାହିଁ, ସୌନ୍ଦର୍ଯ୍ୟ ପୃଥକ ଓ ଦୂର ହୋଇଯାଏ । ଯା'ର ସମଗ୍ରତାକୁ ଗ୍ରହଣ କରିବା ପାଇଁ ଆମେ ସମସ୍ତ ବୋଧର ସହିତ ତାକୁ ଅନୁଭବ କରିବାକୁ ହେବ । ସୌନ୍ଦର୍ଯ୍ୟର ସମସ୍ତ ପକ୍ଷ ଓ ଆୟାମକୁ ପୂଜା କରିବାକୁ ହେବ ଓ ତୃପ୍ତ ହେଲା ପର୍ଯ୍ୟନ୍ତ ତା'ର ଅମୃତକୁ ଆସ୍ୱାଦନ କରିବାକୁ ହେବ ।

ସାହିତ୍ୟ, କଳା, ଆଧ୍ୟାତ୍ମିକତାରେ ଜାଗତିକ ସୌନ୍ଦର୍ଯ୍ୟ ପ୍ରକଟ ହୁଏ, ଯାହା ସତ୍ୟମୟ, ଶିବମୟ । ଏ ସମସ୍ତର ସନ୍ଦେଶ ଗୋଟିଏ - ମାନବତ୍ୱ ଅର୍ଜନ କର, ମାନବ-ଜାତିକୁ ଭଲପାଅ । କଳାରେ ପୁଣି ସଙ୍ଗୀତର ସ୍ଥାନ ସ୍ୱତନ୍ତ୍ର, ବିଶିଷ୍ଟ । ଆର୍ଥର୍ ସୋପେନ୍‌ହର୍‌ଙ୍କ ଦାର୍ଶନିକ ପ୍ରସ୍ତାବ ହେଉଛି, ଯଦି ଏପରିକି ଏହି ପ୍ରତ୍ୟକ୍ଷ, ବାହ୍ୟ ପୃଥିବୀର ଅସ୍ତିତ୍ୱ ଆଦୌ ନଥାନ୍ତା, ତଥାପି ସଙ୍ଗୀତ ଥାଆନ୍ତା । ଏହି ପ୍ରସ୍ତାବଟି 'ଇଚ୍ଛା ରୂପରେ ପୃଥିବୀ' ସମ୍ବନ୍ଧୀୟ ତାଙ୍କ ବିଚାର, ଅବଧାରଣାରେ ଆଧାରିତ ହୋଇଥିଲା । ସେ କହୁଥିଲେ, ଇଚ୍ଛା ହେଉଛି ପ୍ରଥମ ଆବେଗ, ଯାହା ପୃଥିବୀରେ ନିଜକୁ ସୌନ୍ଦର୍ଯ୍ୟବିଷୟକ, ଆଦର୍ଶବାଦୀ, ସୈଦ୍ଧାନ୍ତିକ ବିଚାର ଭାବରେ ପ୍ରକଟ କରେ । ଏହି ବିଚାରଗୁଡ଼ିକ କଳା, ସୌନ୍ଦର୍ଯ୍ୟଶାସ୍ତ୍ର ଓ ସୌନ୍ଦର୍ଯ୍ୟବିଷୟକ ଚିନ୍ତନରେ ଉତ୍ତମରୂପେ ଗୃହୀତ ହୁଏ ଓ ମଣିଷକୁ ଦୁଃଖ କଷ୍ଟରୁ ମୁକ୍ତି, ଶାନ୍ତି ଦିଏ। ଏହି ବିଚାରଗୁଡ଼ିକର ପ୍ରତିନିଧିତ୍ୱ କରିବା ପାଇଁ କଳାର ସାମର୍ଥ୍ୟ ଅଛି । ପ୍ରତ୍ୟେକ ବିଚାରରେ ଇଚ୍ଛାର ପ୍ରକଟନ ଅନୁଯାୟୀ କଳାର ଅନୁକ୍ରମକୁ ଉପସ୍ଥାପନ କରିଥିଲେ ସୋପେନ୍‌ହର୍ । ତାଙ୍କ ମତରେ ଯଦି ପିରାମିଡ୍‌ର ତଳ ଭାଗ ହେଉଛି ସ୍ଥାପତ୍ୟ, ଉପର ଭାଗ ଟ୍ରାଜେଡ଼ି ବା ଦୁଃଖାନ୍ତ ନାଟକ, ତେବେ ସମ୍ପୂର୍ଣ୍ଣ ପିରାମିଡ୍ ହେଉଛି ସଙ୍ଗୀତ, ଯେହେତୁ ସଙ୍ଗୀତ ଇଚ୍ଛାର ଅତି ଉତ୍ତମ ପ୍ରତିନିଧିତ୍ୱ କରୁଛି । ସୋପେନ୍‌ହର୍ ବିଶ୍ୱାସ କରୁଥିଲେ ଯେ ସଙ୍ଗୀତ ହେଉଛି ସ୍ୱୟଂ ଇଚ୍ଛାର ଏକ ପରିପ୍ରକାଶ, ପୂର୍ଣ୍ଣ ଶୁଦ୍ଧ ନିରଙ୍କୁଶ ପରମଙ୍କର ଉତ୍ତମ ପ୍ରତିନିଧିତ୍ୱ ।

ସୋପେନ୍‌ହର୍‌ଙ୍କ ଆଦର୍ଶ ହେଉଛି, ସଙ୍ଗୀତ ଓ ରାଗ ସକଳ ଶ୍ରେଷ୍ଠର ଆନ୍ତରିକ ଆୟାମକୁ ପ୍ରକାଶ କରନ୍ତି । ଏହି ଆଦର୍ଶ ପୁଣି ପ୍ରସାରିତ ହୋଇଯାଏ ୱାଗ୍‌ନର୍ ଓ ହେଗେଲ୍‌ଙ୍କ ବିଶ୍ୱଦୃଷ୍ଟିରେ ସଙ୍ଗୀତର ଅଧ୍ୟାତ୍ମବିଜ୍ଞାନ ସ୍ତରକୁ । ୱାଗ୍‌ନର୍ ଓ ହେଗେଲ୍ ସଙ୍ଗୀତର ଦାର୍ଶନିକ ରୂପରେଖ ନିର୍ଦ୍ଧାରଣ କଲେ ଓ କହିଲେ, 'ସଙ୍ଗୀତ ହେଉଛି ଉତ୍ତମ ସାର୍ବଭୌମିକ ଭାଷା । ଅନ୍ୟ କଳାମାନେ 'ଛାୟା' କଥା କହିଲାବେଳେ ସଙ୍ଗୀତ 'ବସ୍ତୁ' କଥା କହେ ।' ଦାର୍ଶନିକ ନିତ୍‌ସେ 'ବାସ୍ତବିକତାର ଆପୋଲୋନୀୟ କ୍ରମ'କୁ ବିରୋଧ କରି ସଙ୍ଗୀତକୁ ପୃଥିବୀର 'ଡାୟୋନିସୀୟ ମୁକ୍ତି ସିଦ୍ଧାନ୍ତ' ଭାବରେ ଚିହ୍ନିତ କରନ୍ତି ଓ କହନ୍ତି, 'ବଞ୍ଚିବାର ଇଚ୍ଛା ସଙ୍ଗୀତ ଜରିଆରେ ହିଁ ପ୍ରକାଶିତ ହୋଇଥାଏ, ଯାହା ବିନା ଜୀବନ ଗୋଟେ ବିରାଟ ଭୁଲ ବା ଭ୍ରମ ହୋଇଯିବ ।' ସଙ୍ଗୀତର ସାର୍ବଭୌମିକ ଭାଷାର ମୁକ୍ତି ଦେବାର ଶକ୍ତି ରହିଛି, ଯେଉଁଥିପାଇଁ ମରିସ୍ ଫ୍ଲିଉରେଟ୍ ଓ ଜ୍ୟାକ୍ ଲ୍ୟାଙ୍ଗ୍ ପ୍ରମୁଖ ଫ୍ରାନ୍ସରେ ୧୯୮୨ ବର୍ଷର ଗ୍ରୀଷ୍ମ ସଂକ୍ରାନ୍ତି ଦିନ ବିଶ୍ୱ ସଙ୍ଗୀତ ଦିବସ ପାଳନ କଲେ ।

ଭାରତୀୟ ଜ୍ଞାନ ପରମ୍ପରାରେ ସଙ୍ଗୀତର ଅଧ୍ୟାତ୍ମବିଜ୍ଞାନ ଶବ୍ଦ ବା ଧ୍ୱନି ପ୍ରତି ଶ୍ରଦ୍ଧା ରୂପରେ ବିକଶିତ ହୋଇଛି, ଅନ୍ତରାତ୍ମା ବା ଅନ୍ତଃକରଣ ସହିତ ଅଲଂଘନୀୟ ଭାବରେ ସମ୍ବନ୍ଧିତ ହୋଇଛି। ଭର୍ତ୍ତୃହରିଙ୍କ ସ୍ଫୋଟବାଦ ପରମଙ୍କୁ ନାଦବ୍ରହ୍ମ, ମୌଳିକ ବା ଆଦି ଧ୍ୱନି, ଏହି ପ୍ରତ୍ୟକ୍ଷ ପୃଥିବୀର ହେତୁ ଭାବରେ ବିଚାର କରେ । ଅନାହତ ନାଦର ରହସ୍ୟବାଦୀ ଅନୁଭବ ପ୍ରାପ୍ତ ହେବା ପାଇଁ ସଙ୍ଗୀତ ହେଉଛି ଏକ ଅନ୍ୱେଷଣ । ଉଭୟ ସଙ୍ଗୀତଜ୍ଞ ଓ ଶ୍ରୋତା ଆଧ୍ୟାତ୍ମିକ ମାର୍ଗର ସାଧକ । ସ୍ଫୁଟ ହେଉଛି ପ୍ରକଟ ବ୍ରହ୍ମାଣ୍ଡର ଶବ୍ଦ ବା ଧ୍ୱନି, ଧ୍ୱନି-ମାପରେ ଶୁଣାଯାଉଥିବା ମୌଳିକ ବା ଆଦିଶକ୍ତି, ଓମ୍ ଧ୍ୱନିର ନିକଟତମ ପ୍ରତିଧ୍ୱନି । ସୋପେନ୍‌ହର୍ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ ସାମବେଦର ଚନ୍ଦୋଗ୍ୟ ଉପନିଷଦ ଦ୍ୱାରା, ଯାହା ବିଶ୍ୱବ୍ରହ୍ମାଣ୍ଡର ସକଳ ଉପାଦାନକୁ ଏକ ଜପ-ନମୁନାର ଅନେକ ରୂପ ଭାବରେ ବିଚାର କରେ । ସୋପେନ୍‌ହର୍‌ଙ୍କ ମତରେ, ସଙ୍ଗୀତ ପାରଲୌକିକ ବାସ୍ତବିକତାକୁ ପ୍ରକାଶ କରେ । ଶାସ୍ତ୍ରୀୟ ବା ଲୋକପ୍ରିୟ, ପାଶ୍ଚାତ୍ୟ ବା ପ୍ରାଚ୍ୟ ହେଉ, ଯେତେବେଳେ ଜଣେ ସଙ୍ଗୀତକୁ ଶୁଣେ, ଚେତନାର ଏକ ଉଚ୍ଚତର ଆନ୍ତରିକ ଆୟାମ ସହିତ ସଂଯୁକ୍ତ ହେଲା ଭଳି ଅନୁଭବ କରେ, ଯାହାକୁ ବର୍ଣ୍ଣନା କରିବା ଦିଗରେ ଶବ୍ଦ ବିଫଳ ହୁଏ ।

ପୃଥିବୀରେ ଧର୍ମଗ୍ରନ୍ଥଗୁଡ଼ିକ ହେଉଛି ଉଚ୍ଚ ମାନର ସାହିତ୍ୟ । ଚିତ୍ରକରମାନେ ଧର୍ମପୀଠର ଚିତ୍ର ଆଙ୍କୁଛନ୍ତି । ସଙ୍ଗୀତଜ୍ଞମାନେ ଧର୍ମ ଆଧାରରେ ସଙ୍ଗୀତ ଗାଉଛନ୍ତି । ସବୁଠି ଆଧ୍ୟାତ୍ମିକତା, ସୌନ୍ଦର୍ଯ୍ୟର ସ୍ପର୍ଶ । ଧର୍ମର ଆଧାର ସଦାଚାର । ଆଧ୍ୟାତ୍ମିକତାର ଭିତ୍ତି ମାନବ-ପ୍ରୀତି । ସତ୍ୟ, ଶିବର ଅବଲମ୍ବନରେ ସୌନ୍ଦର୍ଯ୍ୟର ବିକାଶ । ମାର୍ସେଲ୍ ପ୍ରାଉଷ୍ଟଙ୍କ ଲିଖିତ ଓ ଆଲେନ୍ ଡି ବଟନ୍‌ଙ୍କ ଦ୍ୱାରା ଉଦ୍ଧୃତ ବାକ୍ୟ, 'ସାହିତ୍ୟ ଓ କଳା ଚେତନାକୁ ଉନ୍ନତ କରେ ଓ ଆଧ୍ୟାତ୍ମିକତାକୁ ପ୍ରୋତ୍ସାହନ ଯୋଗାଏ' ଆମର ନିତ୍ୟ ସ୍ମରଣୀୟ । ଆମ ସାହିତ୍ୟ, ଚିତ୍ର, ସଙ୍ଗୀତ ସମେତ ସମଗ୍ର କଳା କ୍ଷେତ୍ରରେ ଆଧ୍ୟାତ୍ମିକତା ବା ମାନବପ୍ରୀତିର ଯେତେ ସ୍ଫୁରଣ ହେବ, ଆମ ପିଣ୍ଡରୁ ବ୍ରହ୍ମାଣ୍ଡ, ଚରିତ୍ରରୁ ଚକ୍ରବାଳ, ମାଟିରୁ ମହାକାଶ ଯାଏ ସବୁଠି ସୌନ୍ଦର୍ଯ୍ୟର ଉତ୍ତରଣରେ ତାହା ସେତେ ସହାୟକ ହେବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଏସିଆନ ଶୁଟିଂ : ଭାରତର ସୁରୁଚି-ରାଣାଙ୍କୁ ମିଳିଲା ରୌପ୍ୟ



**ନୂଆଦିଲ୍ଲୀ**

ଭାରତ ନୂଆଦିଲ୍ଲୀଠାରେ ଚାଲିଥିବା ଏସିଆନ ଶୁଟିଂ ଚାମ୍ପିୟନସିପ୍‌ରେ ନିଜ ଆଧିପତ୍ୟ ଜାରି ରଖିଛି। ବିଶ୍ୱ ଚାମ୍ପିୟନ ସମ୍ରାଟ ରାଣା ଓ ବିଶ୍ୱ କପ୍ ଫାଇନାଲ ବିଜେତା ସୁରୁଚି ସିଂ ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଲାଭ କରିଛନ୍ତି। ଜୁନିୟର ମହିଳା ୧୦ ମିଟର ଏୟାର ପିସ୍ତଲରେ ରଶ୍ମିକା ସହଗଲ ଓ ବଂଶିକା ଚୌଧାରୀ ଏବଂ ପ୍ରିୟାଂଶି ପୁରଭା ଓ ଚେତକ କୋହଲା ଯଥାକ୍ରମେ ପଛକୁ ପ୍ରଛ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଚାମ୍ପିୟନସିପ୍‌ରେ ଭାରତ ଏହାର ଆଧିପତ୍ୟ ଜାରି ରଖିଛି। ଦଳ ଇତିମଧ୍ୟରେ ୧୦ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଏକ ବ୍ରୋଞ୍ଜ ପଦକ ସହ ଭାରତ ଟେବୁଲରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ଉଜ୍‌ବେକିସ୍ତାନ ଦିବସରେ ଏକମାତ୍ର ସ୍ୱର୍ଣ୍ଣ ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଜିତିଛି। ନିଗିନା ସୂଇଦକୁଲୋଭା ଓ ମୁଖୁମ୍ମଦ କମାଲୋଭ ୪୮ ଶଟ୍ ବିଶିଷ୍ଟ ଫାଇନାଲରେ ସମ୍ରାଟ ଓ ସୁରୁଚି ୪୮୧.୩-୪୭୯.୬ ବ୍ୟବଧାନରେ ପଛରେ ପକାଇ ସ୍ୱର୍ଣ୍ଣ ଜିତିଥିଲେ। ଭାରତୀୟ ଯୋଡ଼ି ପୂର୍ବରୁ ୧୦ଟି ଦଳକୁ ନେଇ କ୍ୱାଲିଫିକେସନ ରାଉଣ୍ଡରେ ୬୦ ଶଟ୍ ପରେ ମୋଟ ୫୮୩ ସ୍କୋର କର ଶୀର୍ଷରେ ରହିଥିଲେ।

# ଜିନ୍ଦଲ ଷ୍ଟିଲ୍ ପ୍ରିମିୟର ଲିଗ୍-୩ : ଟିମ୍ ଜଗରନଟ୍ସ ଚାମ୍ପିଅନ୍

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**

ଜିନ୍ଦଲ ଷ୍ଟିଲ ପ୍ରିମିୟର ଲିଗ୍-୩ୟରେ ଟିମ୍ ଏକ୍ସଟ୍ରିମ୍ ଷ୍ଟିଲ୍କୁ ପରାସ୍ତ କରି ଟିମ୍ ଜଗରନଟ୍ସ ଦଳ ଚାମ୍ପିଅନ୍ ହୋଇଛି। ଏହି ଆନ୍ତଃବିଭାଗୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲାରେ ଏକ ରୋମାଞ୍ଚକର ଲଢ଼େଇ ଦେଖିବାକୁ ମିଳିଥିଲା। ଜିନ୍ଦଲ ଷ୍ଟିଲ୍ ଅନୁଗୁଳର ବିଭିନ୍ନ ବିଭାଗର ମୋଟ ୪୨ଟି ଦଳକୁ ନେଇ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିଟି ଦଳ ଟିମ୍ ୱାର୍କ ଏବଂ ପ୍ରତିଯୋଗିତାମୂଳକ ମନୋଭାବ ପ୍ରଦର୍ଶନ କରିଥିଲେ।

୨୩ ଜାନୁୟାରୀରୁ ୪ ଫେବୃୟାରୀ ପର୍ଯ୍ୟନ୍ତ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଟିମ୍ ଏକ୍ସଟ୍ରିମ୍ ଷ୍ଟିଲ୍ ଏବଂ ଟିମ୍ ଜଗରନଟ୍ସ ମୁହାଁମୁହିଁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଜଗରନଟ୍ସ ଦଳ ପ୍ରତିପକ୍ଷ ଏକ୍ସଟ୍ରିମ୍ ଷ୍ଟିଲ୍ ଦଳ ଆଗରେ ୧୨୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ଏକ୍ସଟ୍ରିମ୍ ଷ୍ଟିଲ୍ ୮ ୱିକେଟ୍ ହରାଇ ମାତ୍ର ୧୦୮ ରନ କରିବାରେ ସମର୍ଥ ହୋଇଥିଲା। ଫଳରେ ଜଗରନଟ୍ସ ୧୫ ରନରେ ବିଜୟୀ ହେବା ସହ




ଟ୍ରଫି ହାସଲ କରିଛି।

ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅନୁଗୁଳ ୟୁନିଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିର୍ଦ୍ଦେଶକ ପଙ୍କଜ ମାଲହାନ ଏବଂ ଆଇରନ୍ ଜୋନ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ସେମାନଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇବା ସହ ଟ୍ରଫି ପ୍ରଦାନ କରିଥିଲେ। ଉଭୟ ଅତିଥି ଏହି ଅବସରରେ ଫିଟନେସ୍, ଶୃଙ୍ଖଳା ଏବଂ ସାମୂହିକ ଦଳଗତ କାର୍ଯ୍ୟକୁ ବୃଦ୍ଧି କରିବାରେ କ୍ରୀଡ଼ାର ଭୂମିକା ଉପରେ ଆଲୋକପାତ କରିଥିଲେ।

ଜଗରନଟ୍ସ ଦଳର ଚିନ୍ମୟ ସାହୁ (ମ୍ୟାନ୍ ଅଫ୍ ଦି ମ୍ୟାଚ୍), ଆଦିତ୍ୟ ନାରାୟଣ (ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍) ଏବଂ ସରୋଜ ଗଡ଼ନାୟକ (ଶ୍ରେଷ୍ଠ ଅଲ ରାଉଣ୍ଡର)ଙ୍କୁ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏକ୍ସଟ୍ରିମ୍ ଷ୍ଟିଲ୍ ଦଳର ଅମିତ୍ ସାହଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଏବଂ ସୌମ୍ୟକାନ୍ତ ନାୟକଙ୍କୁ ଶ୍ରେଷ୍ଠ ବୋଲର ଭାବରେ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିଲା।

୨୩ ଜାନୁୟାରୀରେ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ହୃଦୟେଶ୍ୱର ଝା ଏବଂ ସମ୍ମାନିତ ଅତିଥି ଭାବରେ ପରାମର୍ଶଦାତା (ଆଇରନ୍ ଜୋନ୍) ବିଜୁ ନାୟାର ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ସେହିପରି ମହିଳା କର୍ମୀ ଏବଂ ଗୃହିଣୀମାନଙ୍କ ମଧ୍ୟରେ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟ ଆୟୋଜନ କରାଯାଇ ଥିଲା। ଏହି ଅବସରରେ ଜିନ୍ଦଲ ମହିଳା ସମିତିର ଅଧ୍ୟକ୍ଷା ସୀମା ମାଲହାନ ଏବଂ ଅନିତା ମିତ୍ତଲ ଯୋଗ ଦେଇ ମହିଳା ଖେଳାଳିମାନଙ୍କୁ ଉତ୍ସାହିତ ଏବଂ ସମର୍ଥନ କରିଥିଲେ। ପରିଚାଳନା କମିଟିର ବରିଷ୍ଠ ସଦସ୍ୟଙ୍କ ତତ୍ତ୍ୱାବଧାନରେ ଏହି ସଂପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟର ସଠିକ ଓ ସଫଳ ପରିଚାଳନା କରାଯାଇଥିଲା।

# ଇତିହାସ ରଚିଲା ଆରସିବି : ଦ୍ୱିତୀୟ ଥର ପାଇଁ ଡବ୍ଲୁପିଏଲ ଚାମ୍ପିଅନ୍



**ଭଦୋଦରା**

ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ) ୨୦୨୬ର ରୋମାଞ୍ଚକର ଫାଇନାଲ୍ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୬ ୱିକେଟରେ ପରାସ୍ତ କରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦ୍ୱିତୀୟ ଥର ପାଇଁ ଟାଇଟଲ୍ ହାସଲ କରିଛି। ସ୍ମୃତି ମନ୍ଧାନାଙ୍କ ନେତୃତ୍ୱରେ ଆରସିବି ପୁଣିଥରେ ନିଜର ଦବଦବା ପ୍ରମାଣିତ କରିଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ପୁଣିଥରେ ଫାଇନାଲ୍‌ରେ ଭାଗ୍ୟ ସାଥ୍ ଦେଇନାହିଁ। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୪ ୱିକେଟ୍ ହରାଇ ୨୦୩ ରନର ଏକ ବିଶାଳ ସ୍କୋର ଛିଡ଼ା କରିଥିଲା। ଏହା ଡବ୍ଲୁପିଏଲ ଫାଇନାଲ୍ ଇତିହାସରେ ସର୍ବାଧିକ ଦଳଗତ ସ୍କୋର। ଅଧିନାୟିକା ଜେମିମା ରୋଡ୍ରିଗ୍ସ ମାତ୍ର ୩୭ ବଲରେ ୫୭ ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ତାଙ୍କ ବ୍ୟତୀତ ଲୌରା ଉଲଭାର୍ଡ୍ତ (୪୪) ଏବଂ ଚିନେଲ ହେନେରୀ (୩୫) ଦ୍ରୁତ ବ୍ୟାଟିଂ କରି ଦଳକୁ ୨୦୦ ପାର୍ କରାଇଥିଲେ। ୨୦୪ ରନର କଷ୍ଟକର ଲକ୍ଷ୍ୟକୁ ପିଛା କରି ଆରସିବି ଆରମ୍ଭରୁ ଗୋଟିଏ ୱିକେଟ୍ ହରାଇଥିଲେ ମଧ୍ୟ ଅଧିନାୟିକା ସ୍ମୃତି ମନ୍ଧାନା ଏବଂ ଜର୍ଜିଆ ଭୋଲ୍ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲେ। ଉଭୟଙ୍କ ମଧ୍ୟରେ ଶତକୀୟ ଭାଗିଦାରୀ ଆରସିବିକୁ ବିଜୟ ପଥରେ ଆଗେଇ ନେଇଥିଲା। ଶେଷ ଓଭରରେ ରାଧା ଯାଦବ ଲଗାତାର ଦୁଇଟି ଚୌକା ମାରି ୧୯.୪ ଓଭରରେ ଦଳକୁ ବିଜୟୀ କରାଇଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଏହି ପରାଜୟ ଅତ୍ୟନ୍ତ କଷ୍ଟଦାୟକ ଥିଲା, କାରଣ ଏହା ଦଳର ଲଗାତାର ଚତୁର୍ଥ ଫାଇନାଲ୍ ପରାଜୟ। ୨୦୨୩ରୁ ଆରମ୍ଭ କରି ୨୦୨୬ ପର୍ଯ୍ୟନ୍ତ ଦଳ ପ୍ରତିଥର ଫାଇନାଲରେ ପହଞ୍ଚି ମଧ୍ୟ ଟ୍ରଫି ଛୁଇଁବାରେ ବିଫଳ ହୋଇଛି।

# ଚମକିଲା ମୁସ୍ତାଫିଜୁର ରହମାନଙ୍କ ଭାଗ୍ୟ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶରେ ବାଂଲାଦେଶର ଷ୍ଟାର ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନଙ୍କୁ କୋଲକାତା ନାଇଟ ରାଇଡର୍ସ ଦଳରୁ ମୁକ୍ତ କରାଯାଇଥିଲା। ଆଇପିଏଲ ନିଲାମରେ କେକେଆର ରହମାନଙ୍କୁ ୯.୨ କୋଟିରେ କିଣିଥିଲା। ତଥାପି, ରହମାନ ଏବେ ପାକିସ୍ତାନରେ ଏକ ନୂତନ ଚୁକ୍ତି ହାସଲ କରିଛନ୍ତି, ତାଙ୍କୁ କୋଟି କୋଟି ଟଙ୍କାରେ ସାଇନ କରିଛନ୍ତି। ମୁସ୍ତାଫିଜୁର ରହମାନଙ୍କୁ ପିଏସଏଲ ୨୦୨୬ ପାଇଁ ଲାହୋର କଲନ୍ଦର୍ସର ସିଧାସଳଖ ସାଇନ ଭାବରେ ଘୋଷଣା କରାଯାଇଛି। ତାଙ୍କୁ ୬.୪୪କୋଟିରେ ସାଇନ କରାଯାଇଛି। ଏହା କଲନ୍ଦର୍ସ ସହିତ ରହମାନଙ୍କର ତୃତୀୟ କାର୍ଯ୍ୟକାଳ ହେବ, ପୂର୍ବରୁ ଲାହୋର ପାଇଁ ତିନୋଟି ସିଜନ ଖେଳିଥିଲେ। ରହମାନ ପ୍ରଥମେ ୨୦୧୬ ସିଜନ ପାଇଁ ମନୋନୀତ ହୋଇଥିଲେ କିନ୍ତୁ କାନ୍ଧ ଆଘାତ ଯୋଗୁଁ ଖେଳରୁ ବଞ୍ଚିତ ହୋଇଥିଲେ। ୨୦୧୮ରେ, ସେ ପାଞ୍ଚଟି ମ୍ୟାଚ୍ ଖେଳିଥିଲେ ଏବଂ ୬.୪୩ଇକୋନୋମି ହାରରେ ଚାରୋଟି ଉଇକେଟ୍ ନେଇଥିଲେ। ଲାହୋର ଆଗାମୀ ସିଜନ ପାଇଁ ଶାହିନ ଆଫ୍ରିଦି, ଅବଦୁଲ୍ଲା ଶଫିକ, ସିକନ୍ଦର ରାଜା ଏବଂ ମହମ୍ମଦ ନଇମଙ୍କୁ ରିଟେନ କରିଥିଲା।

## ସର୍ବ ଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ

# ଆଦର୍ଶ କ୍ଲବକୁ ହରାଇ ସେମିଫାଇନାଲରେ ବିଜୟନଗରମ୍

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ଖେଳ ପଡ଼ିଆଠାରେ ଚାଲିଥିବା ପ୍ରତିଷ୍ଠିତ 'ସର୍ବ ଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ' ଏବେ ରୋମାଞ୍ଚକର ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ୱାରିଅର୍ସ, ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବକୁ ପରାସ୍ତ କରି ସେମିଫାଇନାଲରେ ନିଜ ସ୍ଥାନ ପକ୍କା କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବିଜୟନଗରମ୍ ୱାରିଅର୍ସ ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ୱିକେଟ ହରାଇ ୧୯୩ ରନର ଏକ ସମ୍ମାନଜନକ ସ୍କୋର ଛିଡ଼ା କରିଥିଲା। ଦଳ ପକ୍ଷରୁ କେ. ଈଶ୍ୱର ପ୍ରସାଦ ୪୫ ରନ (୩୦ ବଲ୍, ୩ ଛକା, ୨ ଚୌକା), ଓରାମତି ହରୀଶ ୨୨ ରନ



(୩୦ ବଲ୍) ଓ ବିଠଲ କୁମାର ୨୧ ରନ (୧୦ ବଲ୍) କରିଥିଲେ। ତେବେ ବାଲେଶ୍ୱର ପକ୍ଷରୁ ଘାତକ ବୋଲିଂ କରି ଶେଖର ମାଝୀ ୩ଟି ୱିକେଟ ନେଇଥିବା ବେଳେ ମୁକେଶ କୁମାର ଓ ସାର୍ଥକ ଚୌଧୁରୀ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।୧୯୪ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ, ବିଜୟନଗରମର ବୋଲରଙ୍କ ଶାଣିତ ଆକ୍ରମଣ ଆଗରେ ତିଷ୍ଠି ପାରିନଥିଲା। ମାତ୍ର ୧୬ ଓଭରରେ ୮୭ ରନ କରି ଦଳ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଏସ.କେ ମିନହାଜ୍ ଚାନ୍ଦ ସର୍ବାଧିକ ୨୨ ରନ କରିଥିଲେ। ବିଜୟ ନଗରମ୍ ପକ୍ଷରୁ ବି. ସାତ୍ତ୍ୱିକ ଚମତ୍କାର ବୋଲିଂ ପ୍ରଦର୍ଶନ କରି ମାତ୍ର ୪ ଓଭରରେ ୧୩ ରନ ଦେଇ ୫ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ ହାସଲ କରିଥିଲେ। ତାଙ୍କୁ ସହଯୋଗ କରି ଭିତଲ କୁମାର ୩ଟି ୱିକେଟ ନେଇଥିଲେ।

ଅସାଧାରଣ ବୋଲିଂ ପାଇଁ ବି. ସାତ୍ତ୍ୱିକଙ୍କୁ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ଭାବେ ସମ୍ମାନିତ କରାଯାଇଥିଲା। ଯାଜପୁର କ୍ରିକେଟ ଆସୋସିଏସନ ସମ୍ପାଦକ ଶ୍ରୀଜୟ ମହାପାତ୍ର ଓ ପୂର୍ବତନ ସରପଞ୍ଚ ଶରତ ମାଝୀ ଅତିଥି ଭାବେ ଯୋଗଦେଇ ତାଙ୍କୁ କପ୍ ଓ ଆର୍ଥିକ ରାଶି ପ୍ରଦାନ କରିଥିଲେ। ଏହି ମ୍ୟାଚକୁ ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ଦେବବ୍ରତ ଦାସ ଅମ୍ପାୟର ଭାବେ ପରିଚାଳନା କରିଥିଲେ। ଜ୍ଞାନରଞ୍ଜନ ଘଡେଇ ନିଜର ଧାରାବିବରଣୀ ପ୍ରଦାନ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଶୁକ୍ରବାର ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଇଲେଭେନ ଷ୍ଟାର ଯାଜପୁର ଓ ଆର.ୱାଇ.ସି.ସି. ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ।

# ସସ୍‌ପେଣ୍ଡ ହେଲେ ଭାରତୀୟ ଧାବିକା ପୂଜା ଆତ୍ମାରାମ



**ନୂଆଦିଲ୍ଲୀ**

ଡୋପ୍ ଟେଷ୍ଟକୁ ଏଡାଇ ଭାରତର ଲଙ୍ଗ ଡିଷ୍ଟାନ୍ସ ଧାବିକା ପୂଜା ଆତ୍ମାରାମ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଦ୍ୱାରା ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। ପୂଜା ୫୦୦୦ ମିଟର ଓ ୧୦,୦୦୦ ମିଟର ଇଭେଣ୍ଟରେ ଅଂଶଗ୍ରହଣ କରିଥାନ୍ତି। ୨୦୨୪ ଇଣ୍ଡିଆନ ଗ୍ରାଁ ପ୍ରି-୨ରେ ସେ ରାଜସ୍ଥାନ ତରଫରୁ ପ୍ରତିନିଧିତ୍ୱ କରି ୫,୦୦୦ ମିଟର ଓ ୧୦,୦୦୦ ମିଟର ଇଭେଣ୍ଟରେ ଅଂଶଗ୍ରହଣ କରି ୩ୟ ସ୍ଥାନ ଅଧିକାର କରିଥିଲେ। ଏପର୍ଯ୍ୟନ୍ତ ଏହା ଥିଲା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ।

ଗତବର୍ଷ ଏହି ୩୦ ବର୍ଷୀୟା ଲକ୍ଷ୍ନୌଠାରେ ଅନୁଷ୍ଠିତ ଜାତୀୟ କ୍ରସ୍ କଣ୍ଟ୍ରି ଚାମ୍ପିୟନସିପ୍‌ରେ ସେ ୨୫ତମ ସ୍ଥାନ ଅଧିକାର କରିଥିଲେ। ଜଣେ ଖେଳାଳି ଡୋପ୍ ଟେଷ୍ଟକୁ କିମ୍ବା ସାମ୍ପଲ ସଂଗ୍ରହ କରିବା ଲାଗି ମନାକରିବା ଅଭିଯୋଗରେ ପୂଜା ଆତ୍ମାରାମଙ୍କୁ ସସ୍‌ପେଣ୍ଡ କରାଯାଇଥିବା ଏଆଇୟୁ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ପୂଜାଙ୍କୁ ୱାର୍ଲଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡା)ର ଧାରା ୨.୩ ଅନୁସାରେ ସସ୍‌ପେଣ୍ଡ କରାଯାଇଛି।

# ଟି-୨୦ ବିଶ୍ୱକପ ପୂର୍ବରୁ ପାକିସ୍ତାନକୁ ଝଟ୍‌କା : ଖେଳି ପାରିଲାନି ଅଭ୍ୟାସ ମ୍ୟାଚ୍



**ନୂଆଦିଲ୍ଲୀ**

ଆସନ୍ତା ୭ ତାରିଖରୁ ଖେଳାଯିବ ଟି-୨୦ ବିଶ୍ୱକପ। ସମସ୍ତ ଦଳ ନିଜର ଅଭ୍ୟାସ ଆରମ୍ଭ କରିଛନ୍ତି। ଅଭ୍ୟାସ ମ୍ୟାଚ୍‌ରେ ନିଜର ଦକ୍ଷତା ପ୍ରତିପାଦନ ପାଇଁ ସମସ୍ତ ଦଳ ପ୍ରୟାସ କରିଛନ୍ତି। ତେବେ କଲମ୍ବୋରେ ନିଜର ସମସ୍ତ ମ୍ୟାଚ ଖେଳିବ ପାକିସ୍ତାନ। ଏହା ପୂର୍ବରୁ କଲମ୍ବୋରେ ଆୟାରଲ୍ୟାଣ୍ଡ ବିପକ୍ଷରେ ନିଜର ଅଭ୍ୟାସ ମ୍ୟାଚ୍ ଖେଳିଥାନ୍ତା ପାକିସ୍ତାନ। ବୁଧବାର ଏହି ମ୍ୟାଚ ଖେଳାଯିବାକୁ ଥିବାବେଳେ ବାତିଲ୍ ହୋଇଯାଇଥିଲା।

ଅଭ୍ୟାସ ମ୍ୟାଚରେ ପାକିସ୍ତାନ ନିଜର ଖେଳାଳିଙ୍କ ଦକ୍ଷତା ଦେଖିଥାନ୍ତା। କିନ୍ତୁ ଏହି ଅଭ୍ୟାସ ମ୍ୟାଚ୍ ପୂର୍ବରୁ ବର୍ଷା ସାଜିଛି ବାଧକ। ଏହି ମ୍ୟାଚ ବାତିଲ ହୋଇଥିବା ମ୍ୟାଚ ଖେଳିବାର ସୁଯୋଗ ପାଇନି ପାକିସ୍ତାନ। ପାକିସ୍ତାନ ନିଜର ସମସ୍ତ ମ୍ୟାଚ୍ ଏହି କଲୋମ୍ବୋରେ ଖେଳିବ। ଆସନ୍ତା ୭ ତାରିଖରେ ନେଦରଲ୍ୟାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ। ମାତ୍ର ଏହା ପୂର୍ବରୁ ଅଭ୍ୟାସ ମ୍ୟାଚ ଖେଳିବାରୁ ସୁଯୋଗ ହରାଇଛି।

କହି ରଖୁଛୁ କି, ଭାରତ ବିପକ୍ଷରେ ଟି-୨୦ ବିଶ୍ୱକପରେ ମ୍ୟାଚ ଖେଳିବାକୁ ମନା କରିଛି ପାକିସ୍ତାନ। ଗ୍ରୁପ ପର୍ଯ୍ୟାୟରେ ପାକିସ୍ତାନ ତିନୋଟି ମ୍ୟାଚ ଖେଳିବ। ଗ୍ରୁପ- ଏରେ ଭାରତ, ପାକିସ୍ତାନ, ଆମେରିକା, ନେଦରଲ୍ୟାଣ୍ଡ ସହ ରହିଛି ନାମିବ୍ୟା। ପ୍ରତି ଗ୍ରୁପରୁ ଦୁଇଟି ଦଳ ସୁପର-୮କୁ ଯିବେ। ଭାରତ ବିପକ୍ଷ ମ୍ୟାଚକୁ ବୟକଟ କରିଛି ପାକିସ୍ତାନ। ଏଣୁ ପାକିସ୍ତାନକୁ ନିଜର ସ୍ଥାନ ପକ୍କା କରିବାକୁ ସମସ୍ତ ମ୍ୟାଚ୍ ଜିତିବାକୁ ପଡ଼ିବ। ମାତ୍ର ପାକିସ୍ତାନ ଏଭଳି ଦଳ ମାନଙ୍କଠାରୁ କଷ୍ଟକର ସମୟରେ ପରାଜୟ ବରଣ କରିବାର ଉଦାହରଣ ମଧ୍ୟ ରହିଛି।

# ଗୋଟିଏ ଭଲ ଦଳରେ ଯାହା ସବୁ ଆବଶ୍ୟକ ତାହା ଭାରତୀୟ ଦଳରେ ନିହିତ ରହିଛି : ଧୋନୀ

**ନୂଆଦିଲ୍ଲୀ**

ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଏଥର ବିଶ୍ୱକପ୍ ଆୟୋଜନ କରୁଛନ୍ତି। ଧୋନିଙ୍କ ନେତୃତ୍ୱରେ ଦଳ ୨୦୦୭ରେ ଟି-ଟ୍ୱେଣ୍ଟି ଏବଂ ୨୦୧୧ରେ ଦିନିକିଆ ବିଶ୍ୱକପ୍ ଜିତିଥିଲା। ଭାରତ ଏବେ ଯେଉଁଭଳି ଫର୍ମରେ ରହିଛି, ଘରୋଇ ପରିବେଶରେ ଟାଇଟଲ ବଜାୟ ରଖିବାକୁ ଦାବିଦାର ରହିଛି। ଗତ ୨୦୨୩ ଅକ୍ଟୋବର ମାସରୁ ଦଳ ୫୧ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଜିତିଥିବାବେଳେ ମାତ୍ର ୮ଟିରେ ପରାସ୍ତ ହୋଇଛି। ଦଳର ବ୍ୟାଟିଂ ଲାଇନ ବେଶ୍ ଶକ୍ତିଶାଳୀ ରହିଛି। ସମସ୍ତେ ଜଣେ ଜଣେ ହାର୍ଡ ହିଟର। ସେମିତି ବୋଲିଂରେ ଭେଟେରାନ ଯଶପ୍ରୀତ ବୁମ୍‌ରା ଓ ବରୁଣ ଚକ୍ରବର୍ତ୍ତୀ ଯେ କୌଣସି ଦଳକୁ ଯେ କୌଣସି ପରିବେଶରେ ଅଟକାଇ ଦେବାର କୌଶଳ ସେମାନଙ୍କୁ ଜଣା।

ଧୋନି କହିଛନ୍ତି, 'ଗୋଟିଏ ଭଲ ଦଳରେ ଯାହା ସବୁ ଆବଶ୍ୟକ ତାହା ଭାରତୀୟ ଦଳରେ ନିହିତ ରହିଛି। ବିଶେଷ କରି ଟି-ଟ୍ୱେଣ୍ଟି ଫର୍ମାଟରେ ଆମର ପ୍ରତ୍ୟେକ ଖେଳାଳି ଅଭିଜ୍ଞ। ସେମାନେ ଚାପରେ ଖେଳିପାରନ୍ତି। ଯେ କୌଣସି ପରିବେଶ ଓ ପରିସ୍ଥିତିରେ ଏବଂ ଯେ କୌଣସି ମୁହୂର୍ତ୍ତରେ ଖେଳିବାର ସେମାନେ ସାମର୍ଥ୍ୟ ରଖିଛନ୍ତି। ଜଣେ ଖେଳାଳି ଟି-ଟ୍ୱେଣ୍ଟି ଫର୍ମାଟକୁ ଆସୁଛି ମାନେ ବହୁ ଅଭିଜ୍ଞତା ରହିବା ଆବଶ୍ୟକ।'

ଗୋଟିଏ କଥାକୁ ନେଇ ଧୋନି ଚିନ୍ତା ପ୍ରକଟ କରିଛନ୍ତି। ତାହା ହେଉଛି କାକର। ସେ କହିଛନ୍ତି, 'କାକର ବହୁତ କିଛି ପରିବର୍ତ୍ତନ କରିଦିଏ। ଯେତେବେଳେ ମୁଁ ଖେଳୁଥିଲି ସେତେବେଳେ ଗୋଟିଏ କଥାକୁ ଯଦି ଭୟ କରୁଥିଲି ତାହା ହେଉଛି କାକର। ଏଭଳି ପରିବେଶରେ ଟସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।'

ଟି-ଟ୍ୱେଣ୍ଟି ଏକ ଅନିଶ୍ଚିତ ଫର୍ମାଟ। ଯେକେହି ଯେ କୌଣସି ଦଳକୁ ପରାଜିତ କରିପାରେ। 'ଏମିତି ହୁଏ ତୁମର ଯଦି କିଛି ଖେଳାଳି ସେଦିନ ଭଲ କରିପାରୁ ନାହାନ୍ତି, ତେବେ ବିପକ୍ଷ ଦଳର ଖେଳାଳି ଚମତ୍କାର ପ୍ରଦର୍ଶନ କରନ୍ତି। ଟି-ଟ୍ୱେଣ୍ଟିରେ ଏଭଳି ହୁଏ। ତେଣୁ ତାହା ଲିଗ୍ ହେଉ ଅବା ନକ୍ ଆଉଟ୍ ସମସ୍ତଙ୍କର ଶୁଭେଚ୍ଛାର ଆବଶ୍ୟକତା ହୋଇଥାଏ। ଏଭଳି ସମୟରେ କେହିବି ଆହତ ହେବା ଉଚିତ ନୁହେଁ



ବୋଲି ଧୋନି କହିଛନ୍ତି।

ଡିଫେଣ୍ଡିଂ ଚାମ୍ପିଅନ ଭାରତ ଏଥର ଟାଇଟଲ ବଜାୟ ରଖି ପାରିବ କି ? ଏ ପ୍ରଶ୍ନ ସମସ୍ତଙ୍କୁ ଆନ୍ଦୋଳିତ କରୁଛି। କିନ୍ତୁ ରେକର୍ଡ ଭିନ୍ନ କଥା କରୁଛି। ଏ ପର୍ଯ୍ୟନ୍ତ ଆୟୋଜକ ଦଳ କେବେ ଟାଇଟଲ ଜିତି ପାରି ନାହିଁ। ୨୦୦୭ରେ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଆୟୋଜନ କରିଥିଲା। କିନ୍ତୁ ଭାରତ ହୋଇଥିଲା ଚାମ୍ପିଅନ। ୨୦୦୯ରେ ଇଂଲଣ୍ଡ ଆୟୋଜନ କରିଥିଲା। ଏଥର ଭାରତ ଟାଇଟଲ ବଜାୟ ରଖି ପାରି ନଥିଲା। ଶ୍ରୀଲଙ୍କାକୁ ହରାଇ ପାକିସ୍ତାନ ଚାମ୍ପିଅନ ହୋଇଥିଲା।

୨୦୧୦ରେ ୱେଷ୍ଟଇଣ୍ଡିଜ ଆୟୋଜକ ଥିଲା। ଅଷ୍ଟ୍ରେଲିଆକୁ ପରାସ୍ତ କରି ଇଂଲଣ୍ଡ ଜିତିଥିଲା ବିଶ୍ୱକପ୍। ୨୦୧୨ରେ ଶ୍ରୀଲଙ୍କା ଆୟୋଜକ ଥିଲା। ଆୟୋଜକ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। କିନ୍ତୁ ୱେଷ୍ଟଇଣ୍ଡିଜ ଠାରୁ ପରାସ୍ତ ହୋଇଥିଲା।

ବାଂଲାଦେଶ ୨୦୧୪ ସଂସ୍କରଣ ଆୟୋଜନ କରିଥିଲା। ଭାରତ ଓ ଶ୍ରୀଲଙ୍କା ଫାଇନାଲ ଖେଳିଥିଲେ। ଶ୍ରୀଲଙ୍କା ଚାମ୍ପିଅନ ହୋଇଥିଲା। ୨୦୧୬ରେ ଭାରତ ବିଶ୍ୱକପ୍ ଆୟୋଜନ କରିଥିଲେ ବି ଫାଇନାଲରେ ପ୍ରବେଶ କରିପାରି ନଥିଲା। ଇଂଲଣ୍ଡକୁ ହରାଇ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଥର ଟାଇଟଲ ବିଜେତା ହୋଇଥିଲା।

୨୦୨୧ ବିଶ୍ୱକପ୍ ୟୁଏଇ ଓ ଓମାନ ଆୟୋଜନ କରିଥିଲେ। ନ୍ୟୁଜିଲାଣ୍ଡକୁ ଫାଇନାଲରେ ହରାଇ ପ୍ରଥମ ଥର ଅଷ୍ଟ୍ରେଲିଆ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା। ୨୦୨୨ ସଂସ୍କରଣ ଅଷ୍ଟ୍ରେଲିଆ ଆୟୋଜକ ଥିଲା। ପାକିସ୍ତାନକୁ ହରାଇ ଇଂଲଣ୍ଡ ଦ୍ୱିତୀୟ ଥର ବିଶ୍ୱକପ୍ ହାସଲ କରିଥିଲା। ୨୦୨୪ ବିଶ୍ୱକପ୍ ୱେଷ୍ଟଇଣ୍ଡିଜ ଓ ଆମେରିକା ମିଳିତ ଭାବେ ଆୟୋଜନ କରିଥିଲେ। ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ଜିତିଥିଲା ଦ୍ୱିତୀୟ ଟାଇଟଲ।

# କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ବେଙ୍ଗଲ ମଧ୍ୟରେ ୨୩ ବର୍ଷରୁ କମ୍ ବୟସ କ୍ରିକେଟ ମ୍ୟାଚ୍

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଫେବୃୟାରୀ ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡର ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ୨୩ ବର୍ଷରୁ କମ୍ ବୟସ କ୍ରିକେଟ୍ ମ୍ୟାଚ୍ ଖେଳାଯିବ ବୋଲି ବିକାଶ ଅଡିଟୋରିୟମ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଥିଲେ। ଜିଲ୍ଲା କ୍ରିକେଟ୍ ସଂଘ ଓ କ୍ରିଷ୍ଣା ବିକାଶ ଗ୍ରୁପ୍ ପକ୍ଷରୁ ଆୟୋଜିତ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରିକେଟ୍ ସଂଘ ସଭାପତି ହରିହର ପ୍ରଧାନ, ସଂପାଦକ ରବିନାରାୟଣ ପଣ୍ଡା, କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଏମ୍‌ଡିଡି ବିବେକ, ନିର୍ଦ୍ଦେଶକ ଡି. ଲୋକେଶଙ୍କ ଉପସ୍ଥିତିରେ ହେବାକୁ ଥିବା ମ୍ୟାଚ୍ ସଂପର୍କରେ କହିଥିଲେ। ଏହି ମ୍ୟାଚ୍ ଖେଳିବା ପାଇଁ ଓଡ଼ିଶା ଓ ବେଙ୍ଗଲ ଦଳ ଏତି ମଧ୍ୟରେ ବରଗଡ଼ ପହଞ୍ଚିସାରି ପଡ଼ିଆରେ ଅଭ୍ୟାସ କରିଥିଲେ। ଏହି



ମ୍ୟାଚ୍ ପାଇଁ ବିସିସିଆଇ ପକ୍ଷରୁ ହରିୟଣା ରାଜ୍ୟ କ୍ରିକେଟ୍ ସଂଘର ବରିଷ୍ଠ ଅମ୍ପାୟାର ଗୌରବ ବଶିଷ୍ଟ, ମ୍ୟାଚ୍ ରେଫ୍ରି ଭାବେ ରହିଛନ୍ତି। ସେହିପରି ବିଦର୍ଭ କ୍ରିକେଟ୍ ସଂଘର ଗଣେଶ ଚରହଟେ, ପଞ୍ଜାବ କ୍ରିକେଟ୍ ସଂଘର ରଞ୍ଜୀବ ଶର୍ମା ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିବେ। ମ୍ୟାଚ୍ ଅନ ଲାଇନ ସ୍କୋରର ଭାବେ ସି.ଡି. ସୁନିଲ, ବୀରବର ନାୟକ, ଭିଡିଓ ଜର୍ଣ୍ଣାଲିଷ୍ଟ ଭାବେ ପ୍ରସନ୍ନ ବିଶ୍ୱାଳ, ତାପସ ନାୟକ (ଓଡ଼ିଶା) ରହିଛନ୍ତି। ଓଡ଼ିଶା ଦଳର ମ୍ୟାନେଜର ଭାବେ ସୌମ୍ୟ ରଞ୍ଜନ ରାଏ (ବରଗଡ଼) ରହିଥିବା ବେଳେ ବେଙ୍ଗଲ ଦଳର ମ୍ୟାନେଜର ସାମ୍ୟ ଘୋସ, କୋଚ୍ ଉତ୍ପଳ ଦତ୍ତ ରହିଥିବା ସୂଚନା ଦେଇଥିଲେ। ଆୟୋଜକ କମିଟି ପକ୍ଷରୁ ଭେନ୍ୟୁ ହେଡ୍ କ୍ରିଷ୍ଣା ବିକାଶର ଅଧ୍ୟକ୍ଷ ଡି. ମୂରଲୀ କ୍ରିଷ୍ଣା ରହିଛନ୍ତି। ଜିଲ୍ଲା କ୍ରିକେଟ୍ ସଂଘର ପ୍ରଦୀପ ନନ୍ଦ, ଅମିୟ ଭୂଷଣ ସାହୁ, ଡାକ୍ତର ଶୁଭ୍ରାଂଶୁ ମହାପାତ୍ର, ସୁବ୍ରତ ଚାଟାର୍ଜୀ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି।

# ଭାରତ ଡିଫେନ୍ସ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭା ଠାରେ ଅବସ୍ଥିତ ଭାରତ ଡିଫେନ୍ସ ଏକାଡେମୀ ପକ୍ଷରୁ ଭାରତୀୟ ସେନାବାହିନୀରେ ନବନିଯୁକ୍ତ ଯବାନମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭବ୍ୟ ସମ୍ବର୍ଦ୍ଧନା ଉତ୍ସବକୁ ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ତଥା ମୁଖ୍ୟ ପ୍ରଶିକ୍ଷକ ସୁନିଲ ତାରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ସ୍ଥଳସେନା ଅବସରପ୍ରାପ୍ତ ଯବାନ ଡି. ଖଳିଆ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ସେନା ଡି. ଅଶୋକ ପ୍ରଧାନ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ସ୍ୱାସ୍ଥ୍ୟ ପରାମର୍ଶଦାତା ଡି. ଦେବହରି ରେଡ୍ଡି, ଗାନ୍ଧୀ ତାରାଇ, ସୌରା ସିଠ, ଉପେନ୍ଦ୍ର ଭାଇ ପ୍ରମୁଖ ଯୋଗ ଦେଇ ନବନିଯୁକ୍ତ ଯବାନ ଓ ପିତାମାତାଙ୍କୁ ସମ୍ବର୍ଦ୍ଧନା କରି ଦେଶସେବା ପାଇଁ ଉତ୍ସାହିତ କରିବା ସହ ଅନୁଷ୍ଠାନର ଏଭଳି ପ୍ରଚେଷ୍ଟାକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରକାଶ ଥାଉକି ଗ୍ରାମାଞ୍ଚଳର ଯୁବକମାନଙ୍କୁ ସେନାବାହିନୀର ବିଭିନ୍ନ ପ୍ରକାର ସେନାରେ ନିଯୁକ୍ତି ପାଇଁ ଅନୁଷ୍ଠାନ ପକ୍ଷରୁ ଦୀର୍ଘ ଛଅ ବର୍ଷ ଧରି ଶାରୀରିକ ଓ ବୌଦ୍ଧିକ ପ୍ରଶିକ୍ଷଣ ଦିଆଯାଉଛି। ଅନୁଷ୍ଠାନ ମୁଖ୍ୟ ସୁନିଲଙ୍କ ତ୍ୟାଗ, ନିଷ୍ଠା, ଉତ୍ସାହ ଓ ସକ୍ରିୟ ପ୍ରଚେଷ୍ଟା ପାଇଁ ଅଳ୍ପ ସମୟ ମଧ୍ୟରେ ବିଭିନ୍ନ ଗ୍ରାମାଞ୍ଚଳରୁ ଗରିବ ପରିବାରର ଷାଠିଏରୁ ଊର୍ଦ୍ଧ୍ୱ




ଯୁବକ ସେନାବାହିନୀର ବିଭିନ୍ନ ପଦବୀରେ ନିଯୁକ୍ତି ପାଇପାରିଛନ୍ତି। ଆଜିର ଉତ୍ସବରେ ନିଯୁକ୍ତି ଓ ସମ୍ବର୍ଦ୍ଧନା ପାଇଥିବା ଯୁବକମାନେ ନିଜ ଜୀବନର ସଂଘର୍ଷମୟ ସମୟରେ ଅନୁଷ୍ଠାନର ମୁଖ୍ୟଙ୍କ ସଠିକ୍ ପରାମର୍ଶ ଓ ଦିଗଦର୍ଶନକୁ ପରିପ୍ରକାଶ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ଦୀପକ କୁମାର ସାହୁ ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିବା ବେଳେ ବିଭୁତି ଭୂଷଣ ସେଠୀ ରଶ୍ମିରଂଜନ ମହାପାତ୍ର, ଓମ୍ ପ୍ରଧାନ, ବିକ୍ରମ ରେଡ୍ଡୀ, ସମୀର ରେଡ୍ଡୀ, ଦୀନବନ୍ଧୁ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।




# ରାଜ୍ୟରେ ୫୭ ନୂତନ ଉପନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଯାଜପୁର,୫।୨
ନ୍ୟୁଜ୍‌ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ରାଜ୍ୟର ବିଭିନ୍ନ ତହସିଲରେ ୫୭ଟି ନୂତନ ଉପନିବନ୍ଧକ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଯାଜପୁର ସମେତ ବିଭିନ୍ନ ଜିଲ୍ଲାର ସ୍ଥାନୀୟ ବିଧାୟକ, ଜିଲ୍ଲାପାଳ ଓ ରାଜସ୍ୱ ସେବା ଅଧିକାରୀମାନେ ଯୋଗ ଦେଇଥିଲେ। ଏହିକ୍ରମରେ ଯାଜପୁରର ରସୁଲପୁର ଏବଂ ଦାନଗଦି ତହସିଲରେ ନୂତନ ଉପନିବନ୍ଧକ କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଉପନିବନ୍ଧକ ହରପ୍ରିୟା ପୃଷ୍ଟି ଏବଂ ଜିଲ୍ଲାର ରାଜସ୍ୱ ସେବା ଅଧିକାରୀମାନେ ଆଭାସି ବୈଠକରେ ଉପସ୍ଥିତ ଥିଲେ। ଏହାସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ୧୧ ଟି ନାଗରିକ କୈନ୍ଦ୍ରିକ ରାଜସ୍ୱ ସେବା ପାଇଁ 'ଆମ ସାଥୀ' ଏକୀକୃତ ହ୍ୱାଟ୍ସଆପ୍ ବୋଟ ସେବାର ଶୁଭାରମ୍ଭ କରିଛନ୍ତି। ଏହା ମାଧ୍ୟମରେ ଘରେ ବସି ଜନସାଧାରଣ ବିଭିନ୍ନ ସେବା ପାଇ ପାରିବେ। ଏଥିରେ ବାସିନ୍ଦା ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଅଭିଭାବକ ସାର୍ଟିଫିକେଟ, ଉତ୍ତରାଧିକାରୀ ସାର୍ଟିଫିକେଟ ଇତ୍ୟାଦି ସେବା ଉପଲବ୍ଧ ଅଛି। ଏହି ଟେକ୍ନୋଲୋଜି ଚାଳିତ ଆପ୍ଲିକେସନ୍ ଦ୍ୱାରା ଲୋକେ ସଠିକ୍ ସମୟରେ ଫେସଲେସ, କ୍ୟାସଲେସ ସେବା ପାଇବେ ଏବଂ ବର୍ତ୍ତମାନ ପ୍ରତ୍ୟେକ ତହସିଲ କାର୍ଯ୍ୟାଳୟରେ ସିସିଟିଭି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଥିବାରୁ ଦୁର୍ନୀତି ମଧ୍ୟ ଯଥେଷ୍ଟ ହ୍ରାସ ପାଇବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସରକାରଙ୍କ ପକ୍ଷରୁ ନିଆଯାଇଥିବା ରାଜସ୍ୱ ସେବାରେ ସଂସ୍କାର ମୂଳକ ପଦକ୍ଷେପ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ରାଜସ୍ୱ ସେବାରେ ରୂପାନ୍ତରଣ ସମ୍ପର୍କିତ ଏକ କ୍ଷୁଦ୍ର ଭିଡିଓ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ ପି. ଅନ୍ୱେଷା ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍ୟୋଗୀ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଲେ ରାଷ୍ଟ୍ରପତି

ରାଇରଙ୍ଗପୁର,୫।୨
ନ୍ୟୁଜ୍‌ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତା'ଙ୍କ ଶ୍ୱଶୁର ଘର ଗାଁ ପାହାଡ଼ପୁରକୁ ଗସ୍ତ କରିଥିଲେ।

ପାହାଡ଼ପୁର ଗ୍ରାମରେ ପହଞ୍ଚି ପ୍ରଥମେ ଏସ.ଏଲ.ଏସ ଟ୍ରଷ୍ଟ ପରିସରସ୍ଥିତ ସ୍ୱର୍ଗତଃ ଶ୍ୟାମ ଚରଣ ମୁର୍ମୁ, ଲକ୍ଷ୍ମଣ ମୁର୍ମୁ ଓ ସିପୁନ ମୁର୍ମୁଙ୍କ ସମାଧି ସ୍ଥଳ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହା ପରେ ମୁର୍ମୁ ଛକ ଠାରେ ତା'ଙ୍କ ସ୍ୱାମୀ ସ୍ୱର୍ଗତଃ ଶ୍ୟାମ ଚରଣ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ଗୋଶାଣି ସ୍ଥଳରେ ଭକ୍ତିପୂତ ପ୍ରଣାମ ଜଣାଇ ଜାହିରା ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରବର୍ତ୍ତୀ ସମୟରେ ଏଲ୍.ଆଣ୍ଡ୍.ଟି ଦକ୍ଷତା ବିକାଶ କେନ୍ଦ୍ରକୁ ଯାଇ ପ୍ରଶିକ୍ଷାର୍ଥୀଙ୍କ ସହ ଭାବବିନିମୟ କରିଥିଲେ। ଏହି ଅବସରରେ ସେ ଶ୍ୟାମ ଚରଣ ମୁର୍ମୁ ପ୍ରାଥମିକ ଚକ୍ଷୁ ଚିକିତ୍ସାଳୟ ପରିଦର୍ଶନ କରିବା ସହ ଗ୍ରାମ ପରିଦର୍ଶନ କରି ଗ୍ରାମବାସୀ ତଥା ବନ୍ଧୁ ପରିଜନଙ୍କୁ ଭେଟି ଥିଲେ।

ଏସ.ଏଲ.ଏସ ଟ୍ରଷ୍ଟରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହ ଅଧ୍ୟୟନ ସମ୍ବନ୍ଧୀୟ ସ୍ନେହପୂର୍ଣ୍ଣ ଭାବବିନିମୟ କରିଥିଲେ। ବିଦ୍ୟାର୍ଥୀମାନେ ରାଷ୍ଟ୍ରପତିଙ୍କୁ ନିକଟରେ ପାଇ ଏବଂ ତାଙ୍କ ସହିତ କଥୋପକଥନ କରିବା ସୁଯୋଗ ପାଇ ଖୁବ୍ ଆନନ୍ଦ ଅନୁଭବ କରିଥିଲେ। ଏହାପରେ ସେଠାରେ ଏଲ୍.ଆଣ୍ଡ୍.ଟିର ଦକ୍ଷତା ବିକାଶ କେନ୍ଦ୍ରରେ ବିଭିନ୍ନ ଟ୍ରେଡ଼ରେ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀ ଏବଂ ଏହି କେନ୍ଦ୍ରରୁ ପ୍ରଶିକ୍ଷିତ ହୋଇ ନିଯୁକ୍ତି ପାଇଥିବା ଯୁବକ ଯୁବକମାନଙ୍କ ସହ ଭାବ ବିନିମୟ ଜରିଆରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପିଲାମାନେ ମଧ୍ୟ ରାଷ୍ଟ୍ରପତିଙ୍କ ଆଗରେ ସେମାନଙ୍କ ଅନୁଭୂତି ବଖାଣିବା ସହ ଆବଶ୍ୟକତା ବିଷୟରେ କହିଥିଲେ।

ଏହି ଅବସରରେ ସେ କହିଥିଲେ ଯେ, ଆଜି ସେ ଭାଷଣ ଦେବାପାଇଁ ଆସିନାହାନ୍ତି ବରଂ ପିଲାମାନେ କେମିତି ଅଛନ୍ତି ଜାଣିବା ପାଇଁ ଆସିଛନ୍ତି। ଆଜି ମୋ ମାଟିକୁ ପାଖରେ ପାଇବାର ମୋତେ ସୁଯୋଗ ମିଳିଛି ସେଥିପାଇଁ ମୁଁ ଖୁବ ଆନନ୍ଦିତ ବୋଲି କହିଥିଲେ। ସେ ଆହୁରି ମଧ କହିଥିଲେ କି, ମୁଁ ଆଜି



ଯେଉଁ ମାର୍ଗର ପଥିକ ସାଜିଛି ତାହା ମୋର ଅଭିଳାଷ ନଥିଲା, ମାତ୍ର ମୋର ବର୍ତ୍ତମାନ ସ୍ଥିତିର ଶ୍ରେୟ କେବଳ ଏ ମାଟିର, ଏ ମାଟିର ଭାଇ ଭଉଣୀମାନଙ୍କ ସହଯୋଗର ଓ ଏ ମାଟିର ଜନତାଙ୍କର।

ଆଜିର ଯୁବବର୍ଗ ଆଗାମୀ କାଲିର ଭବିଷ୍ୟତ। ଯୁବବର୍ଗ ମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି ମାତ୍ର ଏହା ଗାଁକୁ ପହଞ୍ଚୁଛି କି ନାହିଁ, ଯଦି ପହଞ୍ଚୁଛି ତେବେ କେତେଦୂର ଏହା କାର୍ଯ୍ୟକାରୀ ହେଉଛି ଏବଂ ଏ ଗାଁର ଉନ୍ନତି ପାଇଁ କ'ଣ ଅବଶ୍ୟକତା ଅଛି ସେ ବିଷୟରେ ପିଲାମାନଙ୍କ ଠାରୁ ଜାଣିବା ପାଇଁ ଚାହିଁଥିଲେ। ଏହି ଅବସରରେ କହିଥିଲେ ଯେ, ସେ ବହୁ କଷ୍ଟ ସାଧ କରି ପାହାଡ଼ପୁର ଭଳି ଗ୍ରାମରେ ଦିନେ ଛୋଟ ଚାରାଟିଏ ରୋପଣ କରିଥିଲେ, ଯାହାକି ଆଜି ମହାଦ୍ରୁମରେ ପରିଣତ ହେବା ସହ ଏହାର ଛାଇ ବହୁ ଜଣଙ୍କୁ ଆଶ୍ରୟ ଦେଉଛି। ସମସ୍ତ ବିଦ୍ୟାର୍ଥୀଙ୍କୁ ଭଲ ପାଠ ପଢି ବଡ଼ ମଣିଷ ହେବା ପାଇଁ ଉପଦେଶ ଦେବା ସହ ପାଠ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ନିଜର ଅନ୍ତର୍ନିହିତ ଦକ୍ଷତାକୁ ପ୍ରତିପାଦନ କରି ଆତ୍ମନିର୍ଭର ହେବା ପାଇଁ ଉତ୍ସାହିତ କରିଥିଲେ। ବର୍ତ୍ତମାନ ସମୟରେ ସମସ୍ତଙ୍କୁ ଚାକିରି ମିଳିବା ସହଜ ନୁହେଁ, ତେଣୁ ଚାକିରି ଅନ୍ୱେଷଣ ନକରି ଚାକିରି ଦେବା ପାଇଁ ନିଜ ଭିତରେ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଯୁବ ବର୍ଗଙ୍କୁ ଆହ୍ୱାନ ଜଣାଇଥିଲେ। ଯୁବ ବର୍ଗ ଆତ୍ମ ନିର୍ଭର ହେଲେ ଆତ୍ମ ନିର୍ଭର ଭାରତ ଏବଂ ବିକଶିତ ଭାରତ ସମ୍ଭବ ବୋଲି ସେ କହିଥିଲେ। ତତ୍‌ସହିତ ଯେଉଁମାନଙ୍କ ଉଚ୍ଚ ଅଭିଳାଷ ଅଛି ମାତ୍ର ଆର୍ଥିକ ସ୍ୱଚ୍ଛଳତା ଅଭାବରୁ ଅଧାରୁ ପାଠ ପଢ଼ା ଛାଡ଼ି ରହିଛନ୍ତି ଏବଂ ଆଗକୁ ବଢ଼ିପାରୁ ନାହାନ୍ତି, ସେମାନଙ୍କୁ ନିଜର ଅଭିଳାଷ ପୂରଣ ପାଇଁ ଏଲଏନଟି ଦକ୍ଷତା ବିକାଶ କେନ୍ଦ୍ରରେ ପ୍ରଶିକ୍ଷଣ ନେବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ ସହ ଆଳତୀ, ପୂଜାର୍ଚ୍ଚନା କରିବା ସହ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ ଏବଂ ପ୍ରସାଦ ସେବନ କରିବା ସହ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୫.୨.୨୦୨୬
୪,୯୨,୦୨୧ ଟଙ୍କା
ସୁନା:- ୦୦ଗ୍ରାମ୍ ୧୮୦ ମିଲିଗ୍ରାମ୍
ରୂପା:-୨୦ ଗ୍ରାମ୍ ୫୦୦ ମିଲିଗ୍ରାମ୍

# ଜାତୀୟ ପ୍ରତୀକର ଅପବ୍ୟବହାର ରୋକିବା ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୫।୨ :ନ୍ୟୁଜ୍‌ବ୍ୟୁରୋ

ଜାତୀୟ ପ୍ରତୀକର ଅପବ୍ୟବହାର ଓ ତ୍ରୁଟିପୂର୍ଣ୍ଣ ବ୍ୟବହାର ରୋକିବା ପାଇଁ ହାଇକୋର୍ଟ ଏକ ରାଜ୍ୟ ସ୍ତରୀୟ ୫ ଜଣିଆ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ, ଶିକ୍ଷା, ଆଇନ, ପଞ୍ଚାୟତିରାଜ ଓ ନଗର ଉନ୍ନୟନ ଭଳି ବିଭାଗର ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯିବ। ଏହି କମିଟି ତରଫରୁ ଜାତୀୟ ପ୍ରତୀକର ଅପବ୍ୟବହାର କିମ୍ବା ତ୍ରୁଟିପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ଅଭିଯୋଗ ଦାଖଲ ପାଇଁ ଏକ ପୋର୍ଟାଲ ଖୋଲାଯିବ। ଏହା ସହିତ ଏକ ହେଲ୍ପ ଲାଇନ ନମ୍ବର ଦେବାକୁ କହିଛନ୍ତି। ଜାତୀୟ ପ୍ରତୀକର ଅପବ୍ୟବହାର ନେଇ ଯେ କୌଣସି ବ୍ୟକ୍ତି ଏହି ପୋର୍ଟାଲରେ ଅଭିଯୋଗ କରିବାର ୬ ସପ୍ତାହ ମଧ୍ୟରେ ତ୍ରୁଟି ସୁଧାରିବାକୁ କମିଟି ପଦକ୍ଷେପ ଗ୍ରହଣ କରିବ। ଏହାସତ୍ତ୍ୱେ ତ୍ରୁଟି ନ ସୁଧାରିଲେ ସମ୍ପୃକ୍ତ ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଏହା ସହିତ ଜନସାଧାରଣଙ୍କୁ ଜାତୀୟ ପ୍ରତୀକର ସଠିକ୍ ବ୍ୟବହାର ସମ୍ପର୍କରେ ସଚେତନ କରାଇବାକୁ ପଦକ୍ଷେପ ଗ୍ରହଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାୟକୁ ସମସ୍ତ ସରକାରୀ ବିଭାଗ ଓ ଦେଶର ସମସ୍ତ ହାଇକୋର୍ଟକୁ ଅବଗତ କରାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଏଲୋନ ଟ୍ରଷ୍ଟ ପକ୍ଷରୁ ଦାୟର ମାମଲାର ରାୟ ପ୍ରକାଶ କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ବହୁ ସମୟରେ ଜାତୀୟ ପ୍ରତୀକର ଅପବ୍ୟବହାର ଏବଂ ତ୍ରୁଟିପୂର୍ଣ୍ଣ ବ୍ୟବହାର କରାଯାଉଥିବା ଦର୍ଶାଇ ଏଲୋନ ଟ୍ରଷ୍ଟ ନାମକ ସଂସ୍ଥା ପକ୍ଷରୁ ମାମଲା ଦାୟର କରାଯାଇଥିଲା। ଜାତୀୟ ପ୍ରତୀକରେ ଅଶୋକ ସ୍ତମ୍ଭ ତଳେ ସତ୍ୟମେବ ଜୟତେ ଲେଖା ରହିବା କଥା। କିନ୍ତୁ ଅନେକ ସମୟରେ ଅଶୋକ ସ୍ତମ୍ଭ ତଳେ ସତ୍ୟମେବ ଜୟତେ ନଥିବା ଦେଖିବାକୁ ମିଳୁଛି। ସେହିଭଳି ଭାବେ ଅଶୋକ ସ୍ତମ୍ଭକୁ ମଧ୍ୟ ଉପଯୁକ୍ତ ଭାବେ ପ୍ରଦର୍ଶନ କରାଯାଉ ନାହିଁ। ଜାତୀୟ ପ୍ରତୀକ ପ୍ରତି ଏହା ଅସମ୍ମାନ। ଏପରି ଘଟଣାଗୁଡ଼ିକୁ ଗୁରୁତ୍ୱର ସହିତ ଗ୍ରହଣ କରାଯିବା ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସରକାରୀ ସ୍ତରରେ ନିଆଯିବା କଥା। କିନ୍ତୁ ସରକାରୀ ଉଦାସୀନତା ପାଇଁ ଜାତୀୟ ପ୍ରତୀକର ଅପବ୍ୟବହାର ଘଟଣା ବହୁ ସମୟରେ ଦେଖିବାକୁ ମିଳୁଛି ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା।

## ଏଏସ୍‌ଓ ପରୀକ୍ଷା କେଳେଙ୍କାରୀ ଘଟଣା

# କମିଶନରେଟ୍ ପୁଲିସକୁ ଶଙ୍କର ସମେତ ୧୪ଜଣଙ୍କ ତଥ୍ୟ ପ୍ରଦାନ କଲା କ୍ରାଇମବ୍ରାଞ୍ଚ

କଟକ,୫।୨ :ନ୍ୟୁଜ୍‌ବ୍ୟୁରୋ

ହାଇକୋର୍ଟ ଏଏସ୍‌ଓ ପରୀକ୍ଷା କେଳେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କମିଶନରେଟ୍ ପୁଲିସକୁ ପ୍ରଦାନ କରିଛି। ପଞ୍ଚସଫ୍ଟ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ ମାଲିକ ଶଙ୍କର ପୃଷ୍ଟି ସମେତ ୧୪ ଜଣଙ୍କ ତଥ୍ୟ କ୍ରାଇମବ୍ରାଞ୍ଚ ପ୍ରଦାନ କରିଛି। ଏଥିରେ ସମସ୍ତ ଅଭିଯୁକ୍ତଙ୍କ ନାଁ, ଠିକଣା, ସିଡିଆର (କଲ୍ ଡିଟେଲ୍ ରେକର୍ଡ), ବ୍ୟାଙ୍କ ଆକାଉଣ୍ଟ ତଥ୍ୟ, ଆଇପିଡିଆର (ଇଣ୍ଟରନେଟ୍ ପ୍ରୋଟୋକଲ୍ ଡିଟେଲ୍ ରେକର୍ଡ), ମୋବାଇଲ୍ ନମ୍ବର କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଛି। ହାଇକୋର୍ଟ ଏଏସ୍‌ଓ ପରୀକ୍ଷା କେଳେଙ୍କାରୀ ଘଟଣାରେ ଥିବା ଅଭିଯୁକ୍ତ ପୁଲିସ ଏସ୍‌ଆଇ କେଳେଙ୍କାରୀରେ ସାମିଲ ଥିବାରୁ କଟକ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଦସ୍ତାବିଜ୍ ପ୍ରଦାନ କରିବାକୁ କ୍ରାଇମବ୍ରାଞ୍ଚକୁ ଚିଠି ଲେଖାଯାଇଥିଲା। ସୂଚନା ଅନୁଯାୟୀ, ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ଘଟଣାରେ ଲାଲବାଗ ଥାନା ପୁଲିସ ୬ ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅଧିକ



ଖୋଳତାଡ଼ ପରେ ଶଙ୍କର ଲିଙ୍କ୍ ସାମ୍ନାକୁ ଆସିଥିଲା। କ୍ରାଇମବ୍ରାଞ୍ଚ ଗିରଫ କରିଥିବା ସମସ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ୧୧୪ ଗିରଫ ଆଶାୟୀଙ୍କୁ ବାଦ୍ ଦେଲେ ୧୪ ଜଣଙ୍କ ସମ୍ପର୍କିତ ତଥ୍ୟ ପ୍ରଦାନ କରିଛି। ଏଥିରେ ପଞ୍ଚସଫ୍ଟ ମାଲିକ ଶଙ୍କର ପୃଷ୍ଟି ସମେତ ସିଲିକନ୍ ଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ନାୟକ, ଦକ୍ଷିଣ ଓଡ଼ିଶା ସିଣ୍ଡିକେଟ୍ ବୁଝୁଥିବା କଟକ ଜିଲ୍ଲା ବୈଦେଶ୍ୱର ଥାନା କଳାପଥର ଅଞ୍ଚଳର ମୁନା ମହାନ୍ତି, ନୟାଗଡ଼ ଜିଲ୍ଲା ଦଶପଲ୍ଲାର ଶ୍ରୀକାନ୍ତ ମହାରଣା ଓରଫ ରିଙ୍କୁ, ଉତ୍ତର ଓଡ଼ିଶା ସିଣ୍ଡିକେଟ୍ ବୁଝୁଥିବା ବାଲେଶ୍ୱର ଜିଲ୍ଲା ସିଙ୍ଗଲା ଥାନା ନାବରା ଅଞ୍ଚଳର ଅରବିନ୍ଦ ଦାସ, ଓଡ଼ିଶା ପୁଲିସ ବାଟାଲିୟନରେ ସିପାହୀ ଥିବା କଟକ ଜିଲ୍ଲା ବିଦ୍ୟାଧରପୁରର ବିଶ୍ୱରଞ୍ଜନ ବେହେରା, ଦଶପଲ୍ଲାର ଟି. ଅଭିମନ୍ୟୁ ଦୋରା, ପ୍ରାର୍ଥୀ ଯୋଗାଡ଼ ଓ ସେମାନଙ୍କ ନିକଟରୁ ସାର୍ଟିଫିକେଟ ସଂଗ୍ରହ କରୁଥିବା ଢେଙ୍କାନାଳ ଜିଲ୍ଲା ମୁକୁନ୍ଦପୁରର ପ୍ରିୟଦର୍ଶିନୀ ସାମଲ, କଟକ ଜିଲ୍ଲା ବୈଦେଶ୍ୱରର ଦଲାଲ ଲୋକନାଥ ସାହୁ, ବ୍ରହ୍ମପୁର ବୈଦ୍ୟନାଥପୁରର ସାଗର କୁମାର ଗୌଡ଼। ଅନ୍ୟପଟେ ପ୍ରାର୍ଥୀ ପିଛା ୨୦ ଲକ୍ଷ ଟଙ୍କା ଡିଲ୍ ହୋଇଥିବାରୁ, ଶଙ୍କର ଗ୍ୟାଙ୍ଗ ନିକଟକୁ ଯାଇଥିବା ଟଙ୍କା ସମ୍ପର୍କିତ ପ୍ରମାଣ ପୁଲିସ ବ୍ୟାଙ୍କରୁ ସଂଗ୍ରହ କରିଛି। ଯେଉଁ ପ୍ରାର୍ଥୀମାନେ ଟଙ୍କା ଦାଖଲ କରିଥିଲେ, ସେ ତଥ୍ୟ ପୁଲିସ ହାତରେ ଲାଗିଥିବା ବେଳେ କ୍ରାଇମବ୍ରାଞ୍ଚ ପୂର୍ବରୁ ଗିରଫ କରିଥିବା ଅଭିଯୁକ୍ତଙ୍କୁ କମିଶନରେଟ୍ ପୁଲିସ ରିମାଣ୍ଡରେ ଆଣିବା ପରେ କୋର୍ଟରେ ଏହି ଆର୍ଥିକ କାରବାର ସଂକ୍ରାନ୍ତ ଦସ୍ତାବିଜ୍ ଦାଖଲ କରାଯିବ ବୋଲି ସୂଚନା ମିଳିଛି।

# କ୍ରିକେଟ ଆସୋସିଏସନରେ ଯୋଗଦେବା ପାଇଁ ଅନୁରାଗ ଠାକୁରଙ୍କୁ ସୁପ୍ରିମକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ,୫।୨

ସୁପ୍ରିମକୋର୍ଟ ଭାରତୀୟ ଜନତା ପାର୍ଟି (ବିଜେପି) ନେତା ଏବଂ ପୂର୍ବତନ ବିସିସିଆଇ ଅଧ୍ୟକ୍ଷ ଅନୁରାଗ ଠାକୁରଙ୍କୁ କ୍ରିକେଟ ଆସୋସିଏସନରେ ପୁନର୍ବାର ଯୋଗଦେବାକୁ ଅନୁମତି ଦେଇଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ୨୦୧୭ ମସିହାରେ ଅନୁରାଗ ଠାକୁରଙ୍କୁ ବିସିସିଆଇ ସଭାପତି ପଦରୁ ହଟାଇବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଜୀବନବ୍ୟାପୀ ନୁହେଁ। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ, ଠାକୁର ଏବେ ନିୟମ ଅନୁଯାୟୀ ବିସିସିଆଇ ବ୍ୟାପାରରେ ଅଂଶଗ୍ରହଣ କରିପାରିବେ। ଜାନୁଆରୀ ୨, ୨୦୧୭ରେ ସୁପ୍ରିମକୋର୍ଟ ଅନୁରାଗ ଠାକୁରଙ୍କୁ ମିଥ୍ୟା ଶପଥପତ୍ର ଦାଖଲ ଏବଂ କୋର୍ଟ ଅବମାନନା ପାଇଁ ଦୋଷୀ ସାବ୍ୟସ୍ତ କରିଥିଲେ। ଏଥିରେ ସୁପ୍ରିମକୋର୍ଟ ଗଭୀର ଅସନ୍ତୁଷ୍ଟ ହୋଇ ଅନୁରାଗ ଠାକୁରଙ୍କୁ ବିସିସିଆଇ ସଭାପତି ପଦରୁ ଏବଂ ଅଜୟ ଶିର୍କେଙ୍କୁ ସଚିବ ପଦରୁ ହଟାଇ ଦେଇଥିଲେ।

# କେରଳରୁ ଶହେଟି ବକ୍ସରୁ ମିଳିଲା ୧୮ ହଜାର ଜେଲେଟିନ୍ ଷ୍ଟିକ୍

କେରଳ,୫।୨

କେରଳର ପାଲକ୍କଡ ସାଉଥ୍ ପୁଲିସ ହାତରେ ଲାଗିଛି ବିପୁଳ ବିସ୍ଫୋରକ ସାମଗ୍ରୀ। ଯାହାକୁ ତରଭୁଜ ପେଟିରେ ପ୍ୟାକ୍ କରି ଏକ ମିନି-ଲରିରେ ଚୋରା ଚାଲାଣ କରାଯାଉଥିଲା। ପାଲକ୍କଡ ସରକାରୀ ମେଡିକାଲ କଲେଜ ନିକଟ ୟକ୍କାରା ସର୍ଭିସ ରୋଡ୍‌ରେ ଏହି ବିସ୍ଫୋରକଗୁଡ଼ିକୁ ଜବତ କରାଯାଇଛି। ଏହି ଘଟଣାରେ, ପୁଲିସ ଲରି ଡ୍ରାଇଭର ସେନ୍ଥିଲ କୁମାରଙ୍କୁ ଅଟକ ରଖିଛି, ଯିଏ ତାମିଲନାଡୁର ବାସିନ୍ଦା ବୋଲି ଜଣାପଡ଼ିଛି।

ପୁଲିସ କହିବା ଅନୁଯାୟୀ, ସାଉଥ୍ ଇନ୍ସପେକ୍ଟର ବିପିନ କୁମାରଙ୍କ ଦ୍ୱାରା ମିଳିଥିବା ସୂଚନା ଆଧାରରେ ଏହି ଅପରେସନ୍ କରାଯାଇଥିଲା। ସୂଚନା ପାଇବା ପରେ, ପୁଲିସ କଡ଼ାକଡ଼ି ଭାବେ ସନ୍ଦିଗ୍ଧ ଯାନବାହାନର ଯାଞ୍ଚ ଆରମ୍ଭ କରିଥିଲା। ଏକ ମିନି-ଲରିକୁ ଅଟକାଇବାକୁ ଚେଷ୍ଟା କରାଯାଇଥିଲା, କିନ୍ତୁ ଡ୍ରାଇଭର ଗାଡ଼ିକୁ ଅଟକାଇନଥିଲା। ତା'ପରେ ପୁଲିସ ଲରିକୁ ପିଛା କରିଥିଲା ଓ ଶେଷରେ ସର୍ଭିସ ରୋଡରେ ଗାଡ଼ିକୁ ଅଟକାଇବାରେ ସଫଳ ହୋଇଥିଲା।

ଯେତେବେଳେ ପୁଲିସ ଲରିକୁ ଯାଞ୍ଚ କରିଥିଲା ସେତେବେଳେ ଯାହା ସାମ୍ନାକୁ ଆସିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଲା। ଲରି ତଳେ ଶହେରୁ ଅଧିକ ବାକ୍ସ ଲୁଚାଯାଇଥିଲା, ଯାହା ତରଭୁଜରେ ପୂର୍ଣ୍ଣ ଦେଖାଯାଉଥିଲା, ଯେଉଁଥିରେ ପ୍ରାୟ ୧୮ ହଜାର ଜେଲେଟିନ୍ ଷ୍ଟିକ୍ ଏବଂ ୪ ହଜାର ୮ଶହ ଡେଟୋନେଟର ରଖାଯାଇଥିଲା। ପୁଲିସର କହିବା ଅନୁସାରେ, ଏଗୁଡ଼ିକ ଅତ୍ୟନ୍ତ ବିପଜ୍ଜନକ ଓ ମହଙ୍ଗା ବିସ୍ଫୋରକ। ଏଗୁଡ଼ିକ ସାଧାରଣତଃ ଖଣି ଓ ପଥର ଭାଙ୍ଗିବା କାମରେ ବ୍ୟବହୃତ ହୁଏ। ସୁରକ୍ଷାକୁ ଧ୍ୟାନରେ ରଖି, ବିସ୍ଫୋରକଗୁଡ଼ିକୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବା ପାଇଁ ବମ୍ ସ୍କ୍ୱାଡ୍‌କୁ ମଧ ଘଟଣାସ୍ଥଳକୁ ଡକାଯାଇଥିଲା। ସେପଟେ, ପ୍ରାରମ୍ଭିକ ପଚରାଉଚରାରେ ଡ୍ରାଇଭର ସେନ୍ଥିଲ କୁମାର କହିଛି, ଏହି ବିସ୍ଫୋରକ ଗୁଡ଼ିକ ତାମିଲନାଡୁର ଧରାପୁରମ ଅଞ୍ଚଳ ଥୁପ୍ପୁରରୁ ଅଣାଯାଉଥିଲା ଏବଂ ଏଗୁଡ଼ିକୁ କେରଳର ତ୍ରିସୁର ଜିଲ୍ଲାକୁ ପଠାଯିବାକୁ ଥିଲା। ତଥାପି ପୁଲିସ ସନ୍ଦେହ କରୁଛି ଯେ ଏହା ପଛରେ ଏକ ବଡ଼ ଚୋରା ଚାଲାଣ ନେଟୱାର୍କ କାମ କରୁଛି। ତେଣୁ ଏହି ବିସ୍ଫୋରକଗୁଡ଼ିକ କାହା ପାଇଁ ଏବଂ କେଉଁ ଉଦ୍ଦେଶ୍ୟରେ ପଠାଯାଉଥିଲା ତାହା ଜାଣିବା ପାଇଁ ଡ୍ରାଇଭରଙ୍କୁ ପୁଙ୍ଖାନୁପୁଙ୍ଖ ପଚରାଉଚରା କରାଯାଉଛି।

# ଭାରତ-ଆମେରିକା ନୂତନ ବାଣିଜ୍ୟ ଚୁକ୍ତିରୁ ଓଡ଼ିଶାକୁ ଫାଇଦା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୨ :ନ୍ୟୁଜ୍‌ବ୍ୟୁରୋ

ଭାରତ-ଆମେରିକା ନୂତନ ବାଣିଜ୍ୟ ଚୁକ୍ତିରୁ ଓଡ଼ିଶାକୁ ଫାଇଦା ହେବ ବୋଲି ଏକ୍ସରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା ନୂତନ ବାଣିଜ୍ୟ ଚୁକ୍ତି ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଅର୍ଥନୀତିକୁ ଦେବ ଏକ ନୂଆ ପରିଚୟ। ଶୁଳ୍କ ହ୍ରାସ ଯୋଗୁଁ ଆମେରିକା ବଜାରରେ ଓଡ଼ିଶାର ଚିଙ୍ଗୁଡ଼ି, ମାଛ ଓ ସାମୁଦ୍ରିକ



ଖାଦ୍ୟର ଚାହିଦା ବୃଦ୍ଧି ପାଇବ। ଏହାଦ୍ୱାରା ଆମ ଉପକୂଳବର୍ତ୍ତୀ ଅଞ୍ଚଳର ମତ୍ସ୍ୟଜୀବୀ ଓ ଚାଷୀମାନଙ୍କ ଆୟ ବଢିବା ସହ ଓଡ଼ିଶା 'ବ୍ଲୁ-ଇକୋନୋମି'ର ଏକ ପ୍ରମୁଖ କେନ୍ଦ୍ର ପାଲଟିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ହସ୍ତତନ୍ତ ହେଉ କିମ୍ବା ଆଧୁନିକ ରେଡିମେଡ଼ ପୋଷାକ; ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଫଳରେ ଏବେ ସବୁଠି ପହଞ୍ଚିବ ଓଡ଼ିଶାର କାରିଗରୀ। ଶୁଳ୍କ କୋହଳ ହେବା କାରଣରୁ ରପ୍ତାନି ସହଜ ହେବ, ଯାହା ଆମ ବୁଣାକାର ଓ ହସ୍ତତନ୍ତ ଶିଳ୍ପୀଙ୍କ ପାଇଁ ରୋଜଗାରର ନୂଆ ପଥ ଉନ୍ମୁକ୍ତ କରିବ। ବିଶ୍ୱ ଦରବାରରେ ଓଡ଼ିଶାର ପାରମ୍ପରିକ ପୋଷାକ ଏବେ ଏକ ନୂଆ ଟ୍ରେଣ୍ଡ୍ ସୃଷ୍ଟି କରିବ।

## ସିରିଜ୍ ଦୁର୍ଘଟଣା : ବୋଲେରୋ ଧକ୍କାରେ ଏକାଧିକ ଗାଡ଼ି ଚୁରମାର, ବାପା- ମା' ଓ ପୁଅ ଆହତ

ଭୁବନେଶ୍ୱର,୫।୨
ନ୍ୟୁଜ୍‌ବ୍ୟୁରୋ

ନନ୍ଦନ ବିହାର ଛକରେ ସିରିଜ୍ ଦୁର୍ଘଟଣା। ବୋଲେରୋ ଧକ୍କାରେ ଏକାଧିକ ଗାଡ଼ି ଚୁର୍‌ମାର୍ ହୋଇଥିଲା। ୩ ବାଇକ୍ ଉପରେ ଚଢ଼ିଗଲା ବୋଲେରୋ। ଦୁର୍ଘଟଣାରେ ବାଇକ୍‌ରେ ଯାଉଥିବା ବାପା, ମା' ଓ ପୁଅ ଆହତ ହୋଇଛନ୍ତି। କାର୍ ଚାଳକଙ୍କୁ ଲୋକେ କାବୁ କରିଛନ୍ତି। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ଇନ୍‌ଫୋସିଟି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା।

# ଉଦ୍‌ଯାପିତ ହେଲା ଆଦିବାସୀ ମେଳା : ୧୧ ଦିନ ମଧ୍ୟରେ ୪ କୋଟିରୁ ଅଧିକ ବ୍ୟବସାୟ

ଭୁବନେଶ୍ୱର,୫।୨ :ନ୍ୟୁଜ୍‌ବ୍ୟୁରୋ

ଉଦ୍‌ଯାପିତ ହୋଇଛି ରାଜ୍ୟ ସ୍ତରୀୟ ଆଦିବାସୀ ମେଳା ୨୦୨୬। ଭୁବେନଶ୍ୱରର ୟୁନିଟ-୧ ସ୍ଥିତ ଆଦିବାସୀ ପଡ଼ିଆଠାରେ ଗତ ୧୧ ଦିନ ଧରି ଚାଲିଥିବା ମେଳା ସଫଳତାର ସହ ଶେଷ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନୁସୂଚିତ ଜନଜାତି କଲ୍ୟାଣ ଏବଂ ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମେଳାର ସଫଳତା ବିଷୟରେ ସୂଚନା ଦେଇଛନ୍ତି। ଉଦ୍‌ଯାପନୀ ସମାରୋହରରେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବା. ପରମେଶ୍ୱରନ୍, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ପ୍ରେମଜିତ୍ ନାୟକ, ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର ମୀନା, ବିଲ ପରାମର୍ଶଦାତା ବନିତା ଦାଶ, ସ୍ୱତନ୍ତ୍ର ଶାସନ ସଚିବ ସୁଜାତା ମିଶ୍ର, ଅତିରିକ୍ତ ଶାସନ ସଚିବ ଦେବେନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।




ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଚଳିତ ବର୍ଷ ଆଦିବାସୀ ମେଳାରେ ୧୦ ଲକ୍ଷରୁ ଅଧିକ ଜନସମାଗମ ହୋଇଥିବା ବେଳେ ୪ କୋଟି ୨୨ ଲକ୍ଷ ବ୍ୟବସାୟ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଭୋକାଲ୍ ଫର୍ ଲୋକାଲ୍ ସ୍ଲୋଗାନକୁ ଆଦିବାସୀ ମେଳା ପ୍ରତିଫଳିତ କରିଛି। ଏହି ମେଳା ଆମକୁ ମନେ ପକାଇଦେଇଛି ଯେ ପ୍ରଗତିର ଅର୍ଥ କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ବରଂ ସଂସ୍କୃତି, ପରିଚୟ ଓ ମାନବିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ମଧ୍ୟ ପ୍ରଗତିର ଅଭିନ୍ନ ଅଂଶ। ସେହିପରି ବିଭାଗର ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର ମୀନା କହିଛନ୍ତି, ଆଜିର ପ୍ରତିଯୋଗିତାମୂଳକ ସମୟରେ ଆଦିବାସୀମାନଙ୍କୁ ମୁଖ୍ୟସ୍ରୋତର ସାମିଲ କରିବାର ଆବଶ୍ୟକତା ରହିଛି। ଆଦିବାସୀ ମେଳା କେବଳ ଐତିହ୍ୟର ପରିଚୟ ନୁହେଁ ବରଂ ଆଦିବାସୀ ସାମଗ୍ରୀକୁ ଏକ ବଜାର ଦେବାର ଏକ ପ୍ରୟାସ। ଏହା ମାଧ୍ୟମରେ ଆମେ ଆଦିବାସୀ ଭାଇଭଉଣୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିପାରୁଛୁ। ତେବେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସ୍ୱତନ୍ତ୍ର ଶାସନ ସଚିବ ସୁଜାତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଗବେଷଣା ପତ୍ରିକା 'ବନଜା'ର ଶୁଭ ଉନ୍ମୋଚିତ ହୋଇଥିବା ବେଳେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ସ୍ମରଣିକା 'ପାହାଚ-୨୦୨୬'କୁ ମୁଖ୍ୟ ଅତିଥି ଅନାବରଣ କରିଛନ୍ତି। ୧୦ ଜଣ ସଫଳ ଜନଜାତି ଚାଷୀ, କୁଶଳୀ କାରିଗରଙ୍କୁ ସମ୍ମାନିତ କରାଯାଇଥିବା ବେଳେ ୩ ଗୋଟି ଶ୍ରେଷ୍ଠ କୁଡ଼ିଆ-କୁଟିଆ କନ୍ଧ ଘର, ଜୁଆଙ୍ଗ ମଣ୍ଡ ଘର, ପାହାଡ଼ିଆ ଖରିଆ ଘର ଓ ୩ ଜଣ ଜନଜାତି କ୍ଷୁଦ୍ର ବ୍ୟବସାୟୀ- ସୁନୟନା ସ୍ୱୟଂ ସହାୟକ ଗୋଷ୍ଠୀ, ସୁକନ୍ୟା ସ୍ୱୟଂ ସହାୟକ ଗୋଷ୍ଠୀ, ମହାଲକ୍ଷ୍ମୀ ମହିଳା ସଞ୍ଚୟ ସମିତିଙ୍କୁ ପୁରସ୍କୃତ କରାଯାଇଛି।

ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆଦିବାସୀ ଭାଷା ଓ ସଂସ୍କୃତି ପ୍ରତିଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆଦିବାସୀ ମେଳା ଅନୁଷ୍ଠିତ ହୋଇଥିଲା। ଆଦିବାସୀ ଗାଁ, ଆଦିବାସୀ ହାଟ, ଆଦିବାସୀ କଳା ଏବଂ କଳାବସ୍ତୁ ପ୍ରସ୍ତୁତି ପ୍ରଦର୍ଶନୀ, ଖାଦ୍ୟ ପ୍ରାଙ୍ଗଣ ସହ ଆଗାମୀ ଜନଗଣନାକୁ ଧ୍ୟାନରେ ରଖି ଏକ ସ୍ୱତନ୍ତ୍ର ଷ୍ଟଲ୍ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏକ ଷ୍ଟଲର ମଧ୍ୟ ପ୍ରସ୍ତୁତି କରାଯାଇଥିଲା।

# ୧୪ରୁ ତୋଷାଳି ସ୍ୱଦେଶୀ ମେଳା

ଭୁବନେଶ୍ୱର,୫।୨
ନ୍ୟୁଜ୍‌ବ୍ୟୁରୋ

୨୦ ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳା ଉପଲକ୍ଷେ ଗୁରୁବାର ସ୍ଥାନୀୟ ଏକାମ୍ର ହାଟ ଠାରୁ ପ୍ରଚାର ରଥ ଗଡିଛି। ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ପ୍ରଚାର ରଥ କଟକ, ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର ପ୍ରମୁଖ ସହର ପରିକ୍ରମା କରିବ। ସୂଚନାଯୋଗ୍ୟ, ସ୍ଥାନୀୟ ଜନତା ମଇଦାନଠାରେ ଫେବୃୟାରୀ ୧୪ ରୁ ୨୬ ତାରିଖ ୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳା ଆୟୋଜନ ହେବାକୁ ଯାଉଛି। ଚଳିତବର୍ଷର ଥିମ୍ ରହିଛି ସ୍ୱଦେଶୀ ଏବଂ ଆତ୍ମନିର୍ଭର। ମୋଟ ୮୪୦ଟି ଷ୍ଟଲ୍ ଆୟୋଜନ ହୋଇଛି।